# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.273, Bhubaneswar Saturday, December 14, 2019 | ୨୨ତମ ବର୍ଷ | ସଂଖ୍ୟା–୨୭୩ | ଭୁବନେଶ୍ୱର , ଶନିବାର, ଡିସେମ୍ବର ୧୪, ୨୦୧୯ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS


## ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ହଡପ୍ କରିଛନ୍ତି : ବିଜେପି

ଭୁବନେଶ୍ୱର,୧୩।୧୨(ପି.ଏନ): ସଂଘୀୟ ବ୍ୟବସ୍ଥାର ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଉଲ୍ଲଂଘନ କରି ରାଜ୍ୟର ବିଜେଡି ସରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାକୁ ନିଜ ନାଁରେ ହଡପ୍ କରିବା ପାଇଁ ଷଡଯନ୍ତ୍ରର ବାରମ୍ବାର ବିରୋଧ କରି ଆସିଛି ବିଜେପି । ଯାଜପୁର ଜିଲ୍ଲା ଡିଆରଡିଏ ତରଫରୁ ପିଡିଡିଆରଡିଏଙ୍କ ଦସ୍ତଖତରେ ଜିଲ୍ଲାର ୧୦ଟି ବ୍ଲକ ପାଇଁ ୧୪ ହଜାର ୧୩୧ଟି ବିଜୁ ପକ୍କା ଘରର ଚିତ୍ର ସହ ଟାଇଲ ଯୋଗାଇ ଦେବା ପାଇଁ ବରାଦ ଦିଆଯାଇଛି । ରାଜ୍ୟ ସରକାରଙ୍କ ଯୋଜନା ବିଜୁ ପକ୍କା ଘର ଚିତ୍ର ସହ ଟାଇଲ୍ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗାଇ ଦିଆଯାଉଥିବା ଘର ଗୁଡିକ ଉପରେ ଲଗାଇ କେନ୍ଦ୍ର ଯୋଜନାକୁ ହଡପ କରି ରାଜ୍ୟର ସାଧାରଣ ଜନତାଙ୍କୁ ଠକିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ସଂଘୀୟ ବିଧି ବ୍ୟବସ୍ଥା ବିରୋଧୀ କାର୍ଯ୍ୟକୁ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ ବିରୋଧ କରିଛନ୍ତି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ।ଯାଜପୁର ପିଡିଡିଆରଏଙ୍କ ୦୯.୧୨.୨୦୧୯ ତାରିଖ ପତ୍ର ସଂଖ୍ୟା ୭୮୭୬କୁ ଉପସ୍ଥାପିତ କରିବା ସହ ବିଜୁ ପକ୍କା ଘର ଚିତ୍ର ପ୍ରସ୍ତୁତି ନିର୍ଦ୍ଦେଶକୁ ବାତିଲ କରିବା ସହ ଏହି ଅର୍ଥର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚିତ୍ର ପ୍ରସ୍ତୁତ କରି ହିତାଧିକାରୀଙ୍କ ଘର ଉପରେ ଲଗାଇବା ପାଇଁ ଶ୍ରୀ ମହାନ୍ତି ଦୃଢ ଦାବି କରିଛନ୍ତି । ଜଣେ ସରକାରୀ କର୍ମଚାରୀକୁ ଯୋଜନାର ନାଁ ବଦଳାଇବାର ଅଧିକାର କିଏ ଦେଲା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିବା ସହ ରାଜ୍ୟ ସରକାର ତୁରନ୍ତ ଏହି ନିର୍ଦ୍ଦେଶକୁ ପ୍ରତ୍ୟାହାର କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବିକରିଛନ୍ତି । ଗତ ୩ଟି ବଜେଟରେ ରାଜ୍ୟ ସରକାର ନିଜର ନିଜସ୍ୱ ଗରିବଙ୍କ ପାଇଁ ଉଦିଷ୍ଟ ବିଜୁ ପକ୍କା ଘର ଯୋଜନାରେ ଟଙ୍କାଟିଏ ମଧ୍ୟ ବ୍ୟୟବରାଦ କରିନାହାନ୍ତି । ବିଜୁ ପକ୍କା ଘର ଟାଇଲ ନିର୍ମାଣ କରିବା ପାଇଁ ମଧ୍ୟ ବିଜୁ ପକ୍କା ଘର ବାବଦ ବଜେଟ ବ୍ୟୟବରାଦର ଅର୍ଥ ନିୟଂଟ ପଡିବ । ରାଜ୍ୟ ସରକାର ଚଂଚକତା କରି ଯୋଜନା ହଡପ ବନ୍ଦ କରନ୍ତୁ ଓ ଏଥିନିମନ୍ତେ ଜିଲ୍ଲା ପ୍ରଶାସନକୁ ରାଜ୍ୟ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ତୁରନ୍ତ ବାତିଲ କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି । ଚଳିତ ୨୦୧୯ ଆର୍ଥିକ ବର୍ଷରେ ଧାର୍ଯ୍ୟ ୧ଲକ୍ଷ ୬୫ ହଜାର ବାସଗୃହ ମଧ୍ୟରୁ ଅଦ୍ୟାବିଧି ମାତ୍ର ୭୯ ହଜାର ବାସଗୃହ ନିର୍ମାଣ ସରିଥିବାବେଳେ ଆସନ୍ତା ୩ ମାସ ମଧ୍ୟରେ ଧାର୍ଯ୍ୟ ଲକ୍ଷ କେମିତି ପୂରଣ କରିବେ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ୨୦୨୨ ମସିହା ସୁଦ୍ଧା ଓଡିଶା ସମେତ ଦେଶର ପକ୍କା ଘର ନଥିବା ସବୁ ଗରିବଙ୍କୁ ପକ୍କା ଘର ଯୋଗାଇ ଦିଆଯିବ । ଏଥିପାଇଁ ମୋଦି ଓଡିଶାକୁ ପ୍ରଚୁର ଅର୍ଥ ବ୍ୟୟ ବରାଦ କରୁଥିବା ବେଳେ ରାଜ୍ୟ ସରକାରଙ୍କର କ୍ରିୟାନ୍ୱୟନ ପ୍ରକ୍ରିୟା ବିଳମ୍ବିତ ହେଉଛି । ରାଜ୍ୟ ସରକାରଙ୍କ ହିତାଧିକାରୀ ଚୟନ ପ୍ରକ୍ରିୟା ବିବାଦିତ ରହିଛି । ବିକାଶ ଶିଡିର ସବୁଠାରୁ ତଳ ପାହାଚରେ ଥିବା ବିଧବା, ମହିଳା, ଭୂମିହୀନ ତଥା ପରିବାରରେ ଦିବ୍ୟାଙ୍ଗ ପିଲା ଥିବା ଓ ସେହିପରି ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାର ଲାଭ ବଦଳରେ ବିଜେଡିର ଥିଲାବାଲା ନେତା କର୍ମୀଙ୍କୁ ଏହି ଯୋଜନାର ଲାଭ ଦିଆଯାଉଛି । ଖୋଦ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କ ମହାଙ୍ଗୀ ନିର୍ବାଚନ ମଣ୍ଡଳି ଠାରୁ ଓଡିଶାର ୩୦ ଜିଲ୍ଲାର ଏଭଳି ତଥ୍ୟ ସମ୍ବଳିତ ଦସ୍ତାବିଜ୍ ବାରମ୍ବାର ଉପସ୍ଥାପନ କଲେ ମଧ୍ୟ ରାଜ୍ୟ ସରକାର ତାଙ୍କର ଗରିବ ବିରୋଧୀ ଓ ଦଳୀୟ ସ୍ୱାର୍ଥ ସାଧନକାରି ଆଭିମୁଖ୍ୟରେ ପରିବର୍ତ୍ତନ ଆଣୁନାହାନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । ସେହିପରି ଗତ ତିନୋଟି ବଜେଟରେ ଯାଜପୁର ଜିଲ୍ଲା ଓ ଜିଲ୍ଲା ହିସାବରେ ୩୦ଟି ଜିଲ୍ଲାରେ କେତେ ଟଙ୍କା ବ୍ୟୟବରାଦ ହୋଇଛି ଓ କେତେ ଟଙ୍କାର ଟାଇଲ୍ ଅର୍ଡର ଦିଆଯାଇଛି ଏହାର ହିସାବ ଦେବାକୁ ବିଭାଗୀୟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଶ୍ରୀ ମହାନ୍ତି ଆହ୍ୱାନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁସଲିମ୍ ପ୍ରତିନିଧି

ଭୁବନେଶ୍ୱର, ୧୩।୧୨(ପି.ଏନ): ସଂସଦରେ ସିଏବି ବିଲ୍ ପାସ୍ ହେବା ପରେ ଓଡିଶାର ୪ ଟି ଜିଲ୍ଲା ବାଲେଶ୍ୱର , ଭଦ୍ରକ , ଯାଜପୁର ଓ କେନ୍ଦ୍ରାପଡାର ମୁସଲିମ୍ ପ୍ରତିନିଧି ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ । ଆଲୋଚନା ପରେ ପ୍ରତିନିଧି ମାନେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ସମ୍ପୃକ୍ତ ବିଲ୍ କୁ ନେଇ ସେମାନଙ୍କ ମନରେ ଦେଖାଦେଇଥିବା ଭୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସେମାନଙ୍କର କୌଣସି ଅସୁବିଧା ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ସେମାନେ ପ୍ରକାଶ କରିଛନ୍ତି । ଓଡିଶାରେ ନାଗରିକତା ସଂଶୋଧନ ବିଲ୍ (ଏନଆରସି) ଲାଗୁ ନକରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛୁ । ଅନ୍ୟପକ୍ଷେ ସିଏବି କୁ ସମର୍ଥନ ଦେଇଥିଲେ ହେଁ ଏନଆରସି ଲାଗୁ କରିବା ରାଜ୍ୟ ସରକାରଙ୍କ ଅଧୀନ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ମୁସଲିମ୍ ପ୍ରତିନିଧିମାନେ ପ୍ରକାଶ କରିଛନ୍ତି ।

## ରାଜେଶ ବର୍ମା ହେଲେ କୃଷି ମନ୍ତ୍ରଣାଳୟ ସ୍ୱତନ୍ତ୍ର ଶାସନ ସଚିବ

ଭୁବନେଶ୍ୱର, ୧୩।୧୨(ପି.ଏନ): ଡେପୁଟେସନରେ କେନ୍ଦ୍ରକୁ ଯାଇଥିବା ଓଡ଼ିଶା କ୍ୟାଡ଼ର ଆଇ.ଏ.ଏସ ଅଫିସର ରାଜେଶ ବର୍ମାଙ୍କୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସ୍ୱତନ୍ତ୍ର ଶାସନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । କେନ୍ଦ୍ରୀୟ କ୍ୟାବିନେଟ କମିଟିର ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ।



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୁସଲିମ୍ ପ୍ରତିନିଧି

## ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଉଚ୍ଛେଦ ଜାରୀ

ଭୁବନେଶ୍ୱର,୧୩।୧୨(ପି.ଏନ): ଲିଙ୍ଗରାଜ ମନ୍ଦିରର ନବୀକରଣ ପାଇଁ ଦକ୍ଷିଣଦ୍ୱାର ପାର୍ଶ୍ୱରେ ବିଏମସି ପକ୍ଷରୁ ଉଚ୍ଛେଦ କରାଯାଇଛି । ଦକ୍ଷିଣ ଦ୍ୱାର ନିକଟରେ ଥିବା ତାରିଣୀ ମନ୍ଦିରକୁ ପ୍ରବଳ ବିରୋଧ ସତ୍ୱେ ଭଙ୍ଗାଯାଇଛି । ତେବେ ସ୍ଥାନୀୟ ବ୍ୟବସାୟୀ ମାନେ ବିନା ନୋଟିସ୍ ରେ ସେମାନଙ୍କୁ ଉଚ୍ଛେଦ କରାଯାଇଥିବା ଅଭିଯୋଗ କରିଛନ୍ତି । ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱକୁ ନୂଆ ରୂପ ଦେବା ପାଇଁ ୭୫ ମିଟର ପର୍ଯ୍ୟନ୍ତ ପ୍ରଶାସନ ଉଚ୍ଛେଦ କରୁଛି । ଲିଙ୍ଗରାଜ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ୯ଟି ପ୍ରକଳ୍ପ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏଥିରେ ସୁଦୃଶ୍ୟ ପ୍ରବେଶ ପଥ, ବିନ୍ଦୁସାଗରର ପୁନରୁଦ୍ଧାର ଯୋଜନାରେ ପୁଷ୍କରିଣୀ ଗୁଡିକର ପୁନରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ ବ୍ୟବସ୍ଥା, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାର-ଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ କରାଯିବ । ଯାତାୟତର ସୁବିଧା ପାଇଁ ତାଳେଶ୍ୱର ଛକଠାରୁ ବଡେଇ ବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ ।

## ଗୁମ୍ମା ପଂଚାୟତର ଲକ୍ଷାଧିକ ଟଙ୍କା ମୂଲ୍ୟର ଚାଉଳ ହଡ଼ପ : ଏସିଏସଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

କନ୍ଧମାଳ,୧୩।୧୨(ପି.ଏନ): କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର ଗୁମ୍ମା ଗ୍ରାମପଂଚାୟତର ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ପିଡିଏସ ଚାଉଳ ହଡପ ମାମଲା ଘଟଣାରେ ବାଲିଗୁଡା ସହକାରୀ ଯୋଗାଣ ଅଧିକାରୀଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କେବେ ହେବ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରଶାସନ ଜାଣିଶୁଣି ତାଙ୍କୁ ତଦନ୍ତ ଦାୟିତ୍ୱ ଦେବେ । ଓ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଶାସନ ତାଙ୍କୁ ସହାୟତା କରିବା ଭଳି କାର୍ଯ୍ୟକରୁଥିବା ନେଇ ପଦକ୍ଷେପ ନେଉଥିବା ଅଭିଯୋଗ ହେଉଛି ସେ ଜଣେ ପଦସ୍ଥ ଅଫିସର ହୋଇଥିବା ଓ ତାଙ୍କର ଉପରସ୍ତରରେ ଓ ରାଜନେତାଙ୍କ ସହ କୁଆଡେ ଭଲ ସଂପର୍କ ଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ପ୍ରଶାସନ ପଛଘୁଂଚା ଦେଉଥିବା ଶୁଣିବାକୁ ମିଳୁଛି । ବାବୁ ଜଣକ ନିଜେ ମଧ୍ୟ ମୋର କିଛି ହେବନି ମୋର ବଡ଼ ବଡ଼ ରାଜନେତାମାନଙ୍କ ସହ ଉଠାବସା ଅଛି ଏପରିକି ଖୋଦ୍ ଯୋଗାଣ ମନ୍ତ୍ରୀଙ୍କ ସହ ମଧ ଭଲ ଲିଙ୍କ ଅଛି ବୋଲି ବାଲିଗୁଡା ବଜାରରେ କହିବୁଲୁଥିବା ମଧ ଶୁଣିବାକୁ ମିଳୁଛି । ଏହି ଅଧିକାରୀ ଜଣକଙ୍କ ଜ୍ଞାତସାରରେ ଗୁମ୍ମା ଚାଉଳ ହଡପ ମାମଲା ୫ ବର୍ଷ ହେଲା କାଳେ ଚାଲିଥିଲା ଆଉ ତାକୁ ଚପାଇ ରଖିଥିଲେ କୁଆଡେ ଅଧିକାରୀ ଜଣକ ବୋଲି ଚର୍ଚ୍ଚା ଯୋର ଧରିଛି । ଏନେଇ ଖୋଦ୍ ଜିଲ୍ଲାସ୍ତରୀୟ ଅଧିକାରୀ ମଧ ଖୋଲାଖୋଲି ଭାବେ ସହକାରୀ ଯୋଗାଣ ଅଧିକାରୀଙ୍କ କୁଆଡେ ସିଧାସଳଖ ସଂପୃକ୍ତି ଥିବା କଥା ଛଳରେ କହୁ କହୁ କହିଦେବା ଘଟଣାକୁ ନେଇ ସହରରେ ଆଲୋଚନା ହେଉଛି । ସେ ଜଣେ ପଦସ୍ଥ ଅଧିକାରୀ ହୋଇଥିବା ଫଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆମ କର୍ତବ୍ୟ ବାହାରେ ବୋଲି କହିଥିଲେ । ସରକାର ଯଦି ଚାହାଁନ୍ତି ତେବେ କାର୍ଯ୍ୟାନୁଷ୍ଠାନ ସମ୍ଭବ ବୋଲି ଜିଲ୍ଲାସ୍ତରୀୟ ଅଧିକାରୀ ଜଣେ କହିଛନ୍ତି । ଏହି ମାମଲାରେ ବିଭାଗ ମାର୍ ମାର୍ ଭଣ୍ଡାରିଆକୁ ମାର୍ ନ୍ୟାୟରେ ଗୁମ୍ମା ପଂଚାୟତର ଯୋଗାଣ ସହାୟକ, ଗୁମ୍ମା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ତୁମୁଡିବନ୍ଧ ବ୍ଲକ ଯୋଗାଣ ନିରିକ୍ଷକଙ୍କ ନାଁରେ ବେଲଘର ଥାନାରେ ଏତଲା ଟିଏ ଦେଇ କାମ ସାରିଦେବାକୁ ବସିଛି । ଏଣୁ, କ୍ରାଇମବ୍ରାଂଚ ପକ୍ଷରୁ ଏହି ଲକ୍ଷାଧିକ ଟଙ୍କା ମୂଲ୍ୟର ପିଡିଏସ ଘୋଟାଲାର ତଦନ୍ତ କଲେ ବହୁ ପଦସ୍ଥ ଅଫିସରଙ୍କ ସଂପୃକ୍ତି ପଦାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## କିଟ୍‌ରେ ଜାତୀୟ ଆଲୋଚନାଚକ୍ର : ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପ୍ରାଧାନ୍ୟ ଦେବାର ସମୟ ଆସିଛି




ଭୁବନେଶ୍ୱର, ୧୩।୧୨: ଦେଶର ଅର୍ଥନୈତିକ ଅଭିବୃଦ୍ଧି ଗ୍ରାମାଞ୍ଚଳ ବିକାଶ ଉପରେ ନିର୍ଭର କରିଥାଏ । ଭାରତ ଏକ କୃଷି ପ୍ରଧାନ ଦେଶ ଏବଂ ଏହାର ଅର୍ଥନୀତି କୃଷି ଉପରେ ନିର୍ଭର କରିଥାଏ । ଗ୍ରାମାଞ୍ଚଳରେ ବିଜ୍ଞାନ ଓ ପ୍ରଯୁକ୍ତି ବ୍ୟବହାର କରାଯାଇ କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ଘଟିପାରିବ ବୋଲି ଶୁକ୍ରବାର କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଜ୍ଞାନ କଂଗ୍ରେସ ସଂଗଠନ (ଇସ୍କା) ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଡିସେମ୍ବର ୧୩ ଓ ୧୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଆଲୋଚନାଚକ୍ରରେ 'ଇସ୍କା'ର ଜେନେରାଲ୍ ପ୍ରେସିଡେଣ୍ଟ (ଇଲେକ୍ଟ) ପ୍ରଫେସର ବିଜୟଲକ୍ଷ୍ମୀ ସାକ୍‌ସେନା, ଇସ୍କା ମେମ୍ବରସିପ୍ ଆଫାୟାର୍ସ ଜେନେରାଲ୍ ସେକ୍ରେଟାରୀ ପ୍ରଫେସର ଏସ୍ ରାମକ୍ରିଷ୍ଣ, ଆଇସିଏଆର- ସେଣ୍ଟ୍ରାଲ୍ ଇନ୍‌ଲାଣ୍ଡ ଫିସରିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଡ. ବି. କେ ଦାଶ, ଇସ୍କା ସାଇଣ୍ଟିଫିକ୍ ଆକ୍ଟିଭିଟିଜ୍‌ର ପ୍ରାକ୍ତନ ଜେନେରାଲ୍ ସେକ୍ରେଟାରୀ ପ୍ରଫେସର ପି ପି ମାଥୁର, ଇସ୍କାର ପ୍ରାକ୍ତନ ଜେନେରାଲ୍ ପ୍ରେସିଡେଣ୍ଟ ପ୍ରଫେସର ଅଶୋକ ସାକ୍‌ସେନା ଓ ଡ. ଏମ୍ କେ ଚକ୍ରବର୍ତ୍ତୀ, ବିଶିଷ୍ଟ ଇନୋଭେଟର୍ ମିହିର କୁମାର ପଣ୍ଡା ଏବଂ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳ ବିକାଶରେ ବିଜ୍ଞାନ ପ୍ରଯୁକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ । ଅତିଥିମାନେ ମତ ଦେଇ କହିଥିଲେ, ଗ୍ରାମାଞ୍ଚଳ ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପ୍ରାଧାନ୍ୟ ଦେବାର ସମୟ ଆସିଛି । ବୈଷୟିକ ଜ୍ଞାନ କୌଶଳ ଗ୍ରାମାଞ୍ଚଳରେ ବ୍ୟବହାର ହେବା ଆବଶ୍ୟକ ଯେପରି ଗ୍ରାମାଞ୍ଚଳର ଲୋକେ ସଶକ୍ତ ହୋଇପାରିବେ ଏବଂ ଆଉ ସହରାଞ୍ଚଳକୁ ସ୍ଥାନାନ୍ତର ହେବାକୁ ଉଚିତ ମନେକରିବେ ନାହିଁ । ଗ୍ରାମାଞ୍ଚଳ ବିକାଶ ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଜ୍ଞାନ ପ୍ରଶାସକ ଓ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବା ଆବଶ୍ୟକ । ବର୍ତ୍ତମାନ ଆମେ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହୋଇପାରିଛେ । କିନ୍ତୁ ଏ ସବୁକୁ ସଂରକ୍ଷିତ କରି ରଖିବା ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଶସ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଏବେ ଲୋକେ ଜୈବିକ ଏବଂ କମ୍ କୀଟନାଶକ ବ୍ୟବହାର ହେଉଥିବା ଖାଦ୍ୟ ଶସ୍ୟ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି । ଏହା ସହିତ ଆମକୁ ଗ୍ରାମାଞ୍ଚଳ ଲୋକଙ୍କୁ ସଶକ୍ତ କରିବାର ଅଛି । କାରଣ ନିରକ୍ଷରତା, କୁପୋଷଣ ଏବଂ ଦାରିଦ୍ର୍ୟ ଦ୍ୱାରା ଏବେ ବି ଗ୍ରାମାଞ୍ଚଳ ଲୋକେ ପ୍ରଭାବିତ । ବର୍ତ୍ତମାନ ସମୟରେ ଆମେ ଯେଉଁ ଖାଦ୍ୟ ଖାଉଛେ ସେଥିମଧ୍ୟରୁ ଅଧିକାଂଶ ଅପମିଶ୍ରିତ ଖାଦ୍ୟ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଆମର ଅଧିକାଂଶ ଖାଦ୍ୟ ପଦାର୍ଥ ଗ୍ରାମାଞ୍ଚଳରେ ଉତ୍ପାଦିତ ହୋଇଥାଏ । ଯଦି ଆମେ ଗ୍ରାମାଞ୍ଚଳ ଲୋକଙ୍କୁ ସଶକ୍ତ, ଶିକ୍ଷିତ କରିବା ସହ ଅପମିଶ୍ରିତ ଖାଦ୍ୟ ପଦାର୍ଥ ବାବଦରେ ସଚେତନ କରାଇପାରିବା ତାହେଲେ ଆମେ ସ୍ୱାସ୍ଥ୍ୟକର ଖାଦ୍ୟ ଶସ୍ୟ ପାଇପାରିବା ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା । ଗ୍ରାମାଞ୍ଚଳ ବିକାଶ ଆମ ସମସ୍ତଙ୍କ ପାଇଁ ଏବେ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି । ଗ୍ରାମାଞ୍ଚଳର ସ୍ଥାୟୀ ବିକାଶ ନିମନ୍ତେ ବିଜ୍ଞାନ କଂଗ୍ରେସ ମାଧ୍ୟମରେ ଆମେ ଆବଶ୍ୟକ ପଦକ୍ଷେପ ନେଉଛୁ । ଏହି କାର୍ଯ୍ୟକ୍ରମରେ ଇସ୍କା ଭୁବନେଶ୍ୱର ଚାପ୍‌ଟରର ଆବାହିକା କାଜଲ ପରାଶର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରଫେସର ପି ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟି ବୈଠକ

ଭୁବନେଶ୍ୱର,୧୩।୧୨(ପିଏନ):ବାଲୁଖଣ୍ଡ ଅଭୟାରଣ୍ୟରେ ପଡ଼ି ରହିଥିବା ଭଙ୍ଗା ଗଛଡାଳ ଏବଂ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଅଭୟାରଣ୍ୟ ନିକଟସ୍ଥ ୨୮ଟି ସ୍ଥାନୀୟ ପରିବେଶ ବିକାଶ ସମିତିକୁ ସେମାନଙ୍କ ଦୈନନ୍ଦିନ ବ୍ୟବହାର ନିମନ୍ତେ ହସ୍ତାନ୍ତର କରାଯିବ । ବଳକା କାଠଗୁଡ଼ିକୁ ବିନାମୂଲ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ସ୍ୱର୍ଗଦ୍ୱାରକୁ ପ୍ରଦାନ କରାଯିବ । କାଠ କାଟିବା ଓ ପରିବହନ ବାବଦକୁ ଖର୍ଚ୍ଚ ମନ୍ଦିର ପ୍ରଶାସନକୁ ବହନ କରିବାକୁ ହେବ । ସେହିଭଳି ନନ୍ଦନକାନନ ପ୍ରାଣୀଉଦ୍ୟାନରେ ପ୍ରସ୍ତାବିତ ୬୨୪ ମିଟର ଦୈର୍ଘ୍ୟ ନୂତନ ରୋପ୍-ୱେ ନିର୍ମାଣ ନିମନ୍ତେ ନନ୍ଦନକାନନ ମଧ୍ୟରେ ଛୋଟ ଏବଂ ମଧ୍ୟମ ଧରଣର ପ୍ରାୟ ୩୬ଟି ବୃକ୍ଷ ଛେଦନ କରିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଆବଶ୍ୟକୀୟ ପ୍ରସ୍ତାବ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ ଲାଭ କରିବା ପରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟକୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବାକୁ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟିର ବୈଠକରେ ନିଷ୍ପତି ହୋଇଛି । ଶୁକ୍ରବାର ପୂର୍ବାହ୍ନରେ ଲୋକସେବା ଭବନଠାରେ ଜଙ୍ଗଲ ଓ ପରିବେଶ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ବନ୍ୟପ୍ରାଣୀ ବୋର୍ଡ ଷ୍ଟାଣ୍ଡିଂ କମିଟିର ଷଷ୍ଠତମ ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ମଇମାସରେ ହୋଇଥିବା ଫନି ମହାବାତ୍ୟାରେ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ଏହି ବାତ୍ୟାରେ ନଷ୍ଟ ହୋଇଥିବା ୨୦ ଲକ୍ଷ ବୃକ୍ଷରୁ ମାତ୍ର ୨ ଲକ୍ଷ ଭଙ୍ଗିଥିବା ଗଛ ଏ ପର୍ଯ୍ୟନ୍ତ ସଫା ହୋଇପାରିଛି । ଏହା ଦ୍ୱାରା ହରିଣମାନଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହୋଇଛି । ଏତଦ୍‌ବ୍ୟତୀତ ପଡ଼ି ରହିଥିବା ଗଛ ଓ ଡାଳଗୁଡ଼ିକ ଆସନ୍ତା ଗ୍ରୀଷ୍ମ ଋତୁରେ ନିଆଁ ଲାଗିଯିବାର ଆଶଙ୍କା ରହିଛି । ହରିଣମାନଙ୍କ ଖାଦ୍ୟ ପାଇଁ ନୂତନ ଚରଣ ଭୂମି ସୃଷ୍ଟି କରିବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି । ଏଥି ନିମନ୍ତେ ଏହି ଉପୁଡ଼ି ପଡ଼ିଥିବା ଓ ଭାଙ୍ଗି ଯାଇଥିବା ଗଛଗୁଡ଼ିକର ଅପସାରଣ ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତି ହୋଇଛି । ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଆରୁଖ କହିଲେ ଯେ, ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ର ଧାରା-୬ ଅନୁଯାୟୀ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଗଠିତ ହୋଇଛି ଏବଂ ରାଜ୍ୟରେ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଏବଂ ସମୃଦ୍ଧି ପାଇଁ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ବୋର୍ଡର ସଭାପତି ଅଟନ୍ତି । ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ନିଷ୍ପତି କ୍ରମେ ଷ୍ଟାଣ୍ଡିଂ କମିଟିକୁ ବନ୍ୟପ୍ରାଣୀ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ନିଷ୍ପତି ନେବା ନିମନ୍ତେ କ୍ଷମତା ପ୍ରଦାନ କରାଯାଇଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା, ଅଭୟାରଣ୍ୟର ବିକାଶ, ପରିବେଶ ନିୟମର ଅନୁପାଳନ ପ୍ରଭୃତି ସମସ୍ତ ଦିଗକୁ ଅନୁଧ୍ୟାନ କରି ଷ୍ଟାଣ୍ଡିଂ କମିଟି ବିଭିନ୍ନ ପ୍ରସଙ୍ଗରେ ବୋର୍ଡ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଥାଏ । ଏହି ପରିପ୍ରେକ୍ଷୀରେ ଆଜି ହୋଇଥିବା ବୈଠକରେ ନିଷ୍ପତି କ୍ରମେ ବୋଲି ବୈଠକରେ ନିଷ୍ପତି ହୋଇଥିଲା । ପ୍ରାରମ୍ଭରେ ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଡ. ମୋନା ଶର୍ମା ସ୍ୱାଗତ ଭାଷଣ ପ୍ରଦାନ ସହ ବୈଠକର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇଥିଲେ । ବୈଠକର କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଧାନ ବନସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟ ତତ୍ତ୍ୱାବଧାରକ ଡ. ହରିଶଙ୍କର ଉପାଧ୍ୟାୟ ସବିଶେଷ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏହି ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ, ନନ୍ଦନକାନନର ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଶଶି ପଲ୍, ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ସେଂଟର ଫର ଏନ୍‌ଭାଇରନ୍‌ମେଂଟାଲ୍ ଷ୍ଟଡିଜ୍‌ର ପୂର୍ବତନ ନିର୍ଦ୍ଦେଶିକା ଡ. ଶୈଳବାଳା ପାଢ଼ୀ, ଅବସରପ୍ରାପ୍ତ ବରିଷ୍ଠ ଜଙ୍ଗଲ ବିଭାଗ ଅଧିକାରୀ ସରୋଜ କୁମାର ପଟ୍ଟନାୟକ, ଡ. ଏଲ୍. ଏ. କେ. ସିଂହ, ଷ୍ଟାଣ୍ଡିଂ କମିଟିର ସଦସ୍ୟବୃନ୍ଦ ତଥା ଜଙ୍ଗଲ ଓ ପରିବେଶ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କ ହତ୍ୟା ବିରୁଦ୍ଧରେ ରାଜଭବନ ଘେରାଉ ୧୬ରେ

ଭୁବନେଶ୍ୱର,୧୩।୧୨(ପିଏନ):କନ୍ଧମାଳ ଜିଲ୍ଲାର ସୂଚନାଧିକାର କର୍ମୀ ଅଭିମନ୍ୟୁ ପଣ୍ଡାଙ୍କୁ ତାଙ୍କ ବାସଭବନ ସମ୍ମୁଖରେ ଦୁଇଜଣ ଆତତାୟୀ ଗୁଳି କରି ହତ୍ୟା କରିବା ଘଟଣାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ଦୃଢ ବିରୋଧ କରାଯିବା ସହ ଏସଆଇଟି ଦ୍ୱାରା ତଦନ୍ତ ପାଇଁ ଦାବୀ କରାଯାଇଛି । ଏହାସହ ଆସନ୍ତା ୧୬ ତାରିଖରେ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ । ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନାଧିକାର କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ଅଭିମନ୍ୟୁଙ୍କ ହତ୍ୟା ପଛରେ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି । ଏହା ଏକ ସୁପରିକଳ୍ପିତ ରାଜନୈତିକ ହତ୍ୟାକାଣ୍ଡ । ଅଭିମନ୍ୟୁ ସେହି ଅଂଚଳରେ ସରକାରୀ ଯୋଜନାରେ ଚାଲିଥିବା ବ୍ୟାପକ ଦୁର୍ନୀତି, ଭ୍ରଷ୍ଟାଚାର ସମ୍ପର୍କିତ ତଥ୍ୟ ସୂଚନା ଆଇନ୍‌ରେ ଖୁଲାସା କରିବା ଏବଂ ଏହା ବିରୁଦ୍ଧରେ ଲଗାତର ଭାବେ ଅଭିଯୋଗ କରିବା ସହ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ସମ୍ପର୍କିତ ଅନେକ ତଥ୍ୟ ସାରଙ୍ଗଗଡ଼ ସ୍ଥିତ କନ୍ଧମାଳ ମହାବିଦ୍ୟାଳୟ ହଷ୍ଟେଲ ନିର୍ମାଣରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍, ଜିଲ୍ଲାର ୪ଟି ବ୍ଲକରେ ଚାଲିଥିବା ପିଡ଼ିଏସ୍ ଚାଉଳ ହରିଲୁଟ୍ ବିରୁଦ୍ଧରେ ୫୦ରୁ ଉର୍ଦ୍ଧ୍ୱ ଆର.ଟି.ଆଇ. ଫାଇଲ୍ କରିବା ଏବଂ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିକୁ ଭାଙ୍ଗି ନୂତନ କମିଟି ଗଠନ ଏବଂ ମନ୍ଦିରର ୩୩ଟି ଦୋକାନ ଘରକୁ ଦଖଲକାରୀମାନଙ୍କ କବଳରୁ ହଟାଇବା ଇତ୍ୟାଦି କାର୍ଯ୍ୟ ମାଫିଆମାନଙ୍କୁ ବିବ୍ରତ କରିଥିଲା । ତେଣୁ ସେମାନେ ସଂଘବଦ୍ଧ ଭାବରେ ଚକ୍ରାନ୍ତ କରି ଅଭିଯୁକ୍ତଙ୍କୁ ହତ୍ୟା କରିଛନ୍ତି ବୋଲି ସୂଚନାଧିକାର କର୍ମୀମାନେ ଅଭିଯୋଗ କରିଛନ୍ତି ଯାହାର ତଦନ୍ତ ଜରୁରୀ ।ପୋଲିସ୍ ତତ୍‌କ୍ଷଣାତ କେସ୍ ପଞ୍ଜିକୃତ କରିଥିଲେ ମଧ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିପାରି ନାହିଁ । ଅଭିମନ୍ୟୁ ହତ୍ୟାକାଣ୍ଡ ପୋଲିସ୍ ଥାନା ଠାରୁ ମାତ୍ର ୩୦ ଫୁଟ୍ ଦୂରରେ ଘଟିଛି । ତେଣୁ ତିନିଦିନ ବିତି ଯାଇଥିଲେ ମଧ ପୋଲିସ୍ କେବଳ ପରିବାର ସଦସ୍ୟଙ୍କୁ ଆଶ୍ୱାସନା ଦେଇଚାଲିଛି । ପୋଲିସ୍‌ର ନିରପେକ୍ଷ ତଦନ୍ତ ଉପରେ ସନ୍ଦେହ ସୃଷ୍ଟି ହୋଇଛି । ତେଣୁ ଉକ୍ତ ହତ୍ୟାକାଣ୍ଡର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା କରାଇବା ସହ ତୁରନ୍ତ ଥାନାଧିକାରୀଙ୍କୁ ଚାକିରୀରୁ ନିଲମ୍ବିତ କରିବାକୁ ଦାବି ଉଠିଛି । ଏହା ସହିତ ଅଭିମନ୍ୟୁଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ,ସୂଚନାଧିକାର କର୍ମୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ସେମାନଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଏସ୍.ପି. ଏବଂ ଅମଲାମାନଙ୍କୁ ନିର୍ଦ୍ଦେଶ ଦେବାକୁ କୁହାଯାଇଛି । ସାମ୍ବାଦିକ ସମ୍ମିଳନୀରେ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ସଂଯୁକ୍ତା ପାଣିଗ୍ରାହୀ, ମାହେପା ନିଆତ, ସର୍ବେଶ୍ୱର ବେଉରା, ଶ୍ରୀକାନ୍ତ ପାକଳ, ସଞ୍ଜୟ ସାହୁ, ଶ୍ରୀ ଅଖଣ୍ଡ ଓ ସୁଧୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଏସ୍.ଆଇ.ଟି ତଦନ୍ତ ପଇଁ ସୂଚନା ଅଧିକାର ଅଭିଯାନର ଦାବୀ

## ହରିଦ୍ୱାର-ଋଷିକେଶକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଯୋଗେ ବାଲେଶ୍ୱର ଷ୍ଟେସନରୁ ହରିଦ୍ୱାର-ଋଷିକେଶକୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଆଜି ବାଲେଶ୍ୱର ଷ୍ଟେସନ୍ ରୁ ବାଲେଶ୍ୱର , ଭଦ୍ରକ, ମୟୁରଭଂଜ , ଯାଜପୁର ଓ କେନ୍ଦୁଝର ଜିଲ୍ଲାର ୯୭୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ୍ ହରିଦ୍ୱାର ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଯାତ୍ରୀମାନଙ୍କୁ ସହାୟତା ଯୋଗାଇବା ପାଇଁ ୩୦ ଜଣ ଏସ୍କର୍ଟ ଅଫିସର ମଧ୍ୟ ଯାଇଛନ୍ତି । ତୀର୍ଥଯାତ୍ରାରେ ଯାଉଥିବା ଯାତ୍ରୀମାନେ ସରକାରଙ୍କ ଏହି କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ବାଲେଶ୍ୱର ଷ୍ଟେସନ୍ ରେ ଆୟୋଜିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସ୍ଥାନୀୟ ବିଧାୟକମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ମାନଙ୍କୁ ଯାତ୍ରା ଶୁଭକାମନା ଜଣାଇଥିଲେ । ସୂଚନାଯୋଗ୍ୟ ଯେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଇଆରସିଟିସି ସହଯୋଗରେ ୨୦୧୬ରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ୧୨ ହଜାର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥସ୍ଥାନ ବୁଲି ଦେଖିବାର ସୁଯୋଗ ପାଇଛନ୍ତି । ୨୦୧୯-୨୦ ବର୍ଷରେ ଆଉ ୩ଟି ତୀର୍ଥଯାତ୍ରୀ ଦଳ ବ୍ରହ୍ମପୁରରୁ ରାମେଶ୍ୱର-ମଦୁରାଇ, ସମ୍ବଲପୁରରୁ ଆଗ୍ରା-ମଥୁରା-ବୃନ୍ଦାବନ ଓ ଭୁବନେଶ୍ୱରରୁ ଆଲାହାବାଦ୍ -ବନାରସ୍ କୁ ଭ୍ରମଣ କରିବାର ସୁଯୋଗ ପାଇପାରିବେ । ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା , ଉନ୍ନୟନ କମିଶନର, ପର୍ଯ୍ୟଟନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।









# ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପୁରାଣ କାହାଣୀ

# ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ। ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା। ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ। ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର। ଏଥିରେ ଆମକୁ ଯାଂଚ କରିପାରିବ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ। ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ, ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା। କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା। ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ। ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା। ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି। ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ। ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି। ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ। ସନ୍ଥ ନାମଦେବ ବୁଝିପାରିଲେ। ନିଜ ଭିତରେ ଅହଂକାର ମରିଗଲା। ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା। ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବନ ଯୋଗଦାନ ଥିଲା। ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା। ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି। ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି। ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି। ଓସଟାନାର ଲୋକସଂଖ୍ୟା ୮୪। ଏବେ ଏହି ସଂଖ୍ୟା ୮୫ ହୋଇଛି। ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍ବାରଡୋ ଏ ନେଇ ବହୁତ ଖୁସି। ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି। ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ। ଧୀରେ ଦୀରେ ଜନସଂଖ୍ୟା କମିଲା। ୧୯୭୫ରେ ଜନ୍ମହାର ବହୁତ କମିଲା। ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ। ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି। ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି। ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ। ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ। ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ। ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ। ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ। ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ। ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା। ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା।

# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି। କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ। ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି। ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି। କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି। ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି। ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ। କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଧ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ତ୍ରଫ୍ରି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ବିନା ସାର୍ଟିଫିକେଟ୍‌ରେ ୩୪ଜଣଙ୍କୁ ନିଯୁକ୍ତି କାହା ସ୍ୱାର୍ଥରେ ?

ବାଲେଶ୍ୱର,(ପିଏନ): ମେଡିକାଲକୁ ସଫା ସୁତୁରା ରଖିବା, ରୋଗୀଙ୍କୁ ଉପଯୁକ୍ତ ସେବା ଯୋଗାଇବା, ଡାଟା ଏଣ୍ଟ୍ରି ମାଧମରେ ସମସ୍ତ ତଥ୍ୟ ରଖିବା ଏବଂ ସର୍ବୋପରି ମେଡିକାଲରେ ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ନେଇ ରୋଗୀ ସେବାକୁ ଚଳଚଞ୍ଚଳ କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ଅଧିନସ୍ଥ ନୀଳଗିରି ଉପଖଣ୍ଡ ମେଡିକାଲରେ ୩୪ଜଣ ଆଉଟ୍ ସୋର୍ସିଂ କର୍ମଚାରୀ ନିଯୁକ୍ତି ପାଇଛନ୍ତି । ନଭେମ୍ବର ୧ ତାରିଖରୁ ୩୪ ଜଣ କର୍ମଚାରୀଙ୍କୁ ଆଉଟ୍ ସୋର୍ସିଂ ସଂସ୍ଥା ଦ୍ୱାରା ନିଯୁକ୍ତି ଦିଆଯାଇଥିଲା ବେଳେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ବୟସ, ଅଭିଜ୍ଞତା ସାର୍ଟିଫିକେଟ୍ ସମେତ ଅନ୍ୟାନ୍ୟ ଦରକାରୀ କାଗଜପତ୍ର ଏଯାବତ୍ ସମ୍ପୃକ୍ତ ସଂସ୍ଥା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦେଇନଥିବା ଜଣାଯାଇଛି । ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ କର୍ତ୍ତୃପକ୍ଷ ହାରାଲ୍ଡ ୟୁନିସିଟ୍ ଏବଂ ଭାରତ ସିକ୍ୟୁରିଟି ସହ ଯୁକ୍ତିନାମା କରିଛନ୍ତି । ଆଉଟ୍ ସୋର୍ସିଂ ସଂସ୍ଥା ପକ୍ଷରୁ ହେଲ୍‌ଥ ଡେସ୍କରେ ୬ ଜଣ କର୍ମଚାରୀ ନିଯୁକ୍ତି ପାଇଥିଲା ବେଳେ ସେମାନଙ୍କୁ ତଦାରଖ କରିବା ପାଇଁ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୧୪ ଜଣଙ୍କୁ ସୁଇପର, ଜଣେ ସୁପରଭାଇଜର, ୫ ଜଣ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଶାଇ ମୋଟ୍ ୩୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି ଏହି ସଂସ୍ଥା । ସ୍ୱାସ୍ଥ୍ୟ ସେବା ଭଳି ଏକ ଜରୁରୀକାଳୀନ ସେବାରେ ନିଯୁକ୍ତ କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ବୟସ, ସୀମାକୁ ଦେଖି ନିଯୁକ୍ତି ଦେବାର ନିୟମାବଳୀ ରହିଥିବା ବେଳେ ଏହାର ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି । ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ସହ ଅନ୍ୟାନ୍ୟ କାଗଜପତ୍ରକୁ ନିଯୁକ୍ତିଦାତା ସଂସ୍ଥା ଏପର୍ଯ୍ୟନ୍ତ ମେଡିକାଲରେ ଦାଖଲ କରିନଥିବା ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡାକ୍ତର ଅଜୟ କୃଷ୍ଣ ସାମଲ କହିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନୀଳଗିରି ଡାକ୍ତରଖାନାରେ ଲାଞ୍ଚ ନଦେଲେ ହୋଇପାରୁନି ପ୍ରସବ

ବାଲେଶ୍ୱର,(ପିଏନ): ସରକାରୀ ଡାକ୍ତରଖାନାରେ ସବୁ ମାଗଣା ଚିକିତ୍ସା ସେବା ଠିକ୍ ଭାବେ ମିଳୁଛି କି ନାହିଁ ତାହାର ତଦାରଖ ପାଇଁ ରାଜ୍ୟ ସରକାର ୫ଟିର ପ୍ରଚଳନ କରିଥିବା ବେଳେ ନୀଳଗିରି ଉପଖଣ୍ଡ ମେଡିକାଲରେ ଏହାର ବ୍ୟତିକ୍ରମ ଦେଖାଦେଇଛି । କିଛି ଦୁର୍ନୀତିଖୋର କର୍ମଚାରୀଙ୍କ ପାଇଁ ସରକାରଙ୍କ ଏହି ଯୋଜନାର ବ୍ୟତିକ୍ରମ ଦେଖାଦେଇଛି । ପ୍ରସବ ପାଇଁ ଏଠାରେ ହେଲ୍ପ ଡାସ୍କ କର୍ମଚାରୀମାନେ ପ୍ରସୂତୀଙ୍କ ନିକଟରୁ ଅର୍ଥ ଦାବି କରୁଥିବା ଭଳି ସଙ୍ଗିନ୍ ଅଭିଯୋଗ ହେବା ସହ ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ନର୍ସିଂପୁର ପଞ୍ଚାୟତ ଅଧିନସ୍ଥ ଗୋବରା ଗାଁର ସନ୍ଧ୍ୟାରାଣୀ ବିନ୍ଧାଣୀଙ୍କ ନିକଟରୁ ପିଲାଜନ୍ମ ପରେ ଟଙ୍କା ଦାବି କରିବା ଘଟଣାରେ ନୀଳଗିରି ମେଡିକାଲରେ କାର୍ଯ୍ୟରତ ନର୍ସ ଏବଂ ସହାୟିକାଙ୍କ ଅସଲି ମୁଖା ଖୋଲିଯାଇଛି । ଏପରି କି ଟଙ୍କା ନଦେଲେ ପ୍ରସବ କରାଯିବ ନାହିଁ ଓ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯିବ ବୋଲି ଧମକ ଦେଇଥିଲା । ଏହି ଘଟଣାରେ ରୋଗୀଙ୍କ ଯନ୍ତ୍ରଣା ଦେଖି ଧାର କରଜ କରି ସମ୍ପର୍କୀୟମାନେ ଟଙ୍କା ଦେବାକୁ ବାଧ ହୋଇଥିଲେ । ଏହି ଘଟଣା ସ୍ଥାନୀୟ ବିଧାୟକ ସୁକାନ୍ତ ନାୟକ ଜାଣିବା ପରେ ତତ୍‌କ୍ଷଣାତ୍ ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହ ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ବାଲେଶ୍ୱର ସିଡିଏମଓଙ୍କୁ ଚିଠି ଲେଖିଛନ୍ତି । ଏ ସଂକ୍ରାନ୍ତରେ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଅଜୟ କୃଷ୍ଣ ସାମଲଙ୍କୁ ପଚାରିବାରୁ ସେ କହିଥିଲେ ଯେ ବିଧାୟକ ତାଙ୍କୁ ଘଟଣା ବାବଦରେ ଲିଖିତ ଅଭିଯୋଗ କରିଛନ୍ତି । ତଦନ୍ତ ପରେ ସେ ପଦକ୍ଷେପ ନେବେ ବୋଲି ଜଣାଇଛନ୍ତି । ତେବେ ଏହି ଘଟଣାରେ ସମ୍ପୃକ୍ତ ନର୍ସ ଓ ହେଲ୍ପ ଡେସ୍କ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଛେଳି ସହ ଛାତ୍ରଛାତ୍ରୀଙ୍କ ଖାଇବା ଘଟଣାରେ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ୍

ବାଲେଶ୍ୱର,(ପିଏନ): ଛେଳିଙ୍କ ସହ ମିଶି ଛାତ୍ରଛାତ୍ରୀ ରନ୍ଧା ଖାଦ୍ୟ ଖାଇବା ଘଟଣାରେ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଙ୍ଗନବାଡି କର୍ମୀଙ୍କର ଅନିର୍ଦ୍ଦିଷ୍ଟ କାଳ ପାଇଁ ଦରମା ବନ୍ଦ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ଉଭୟ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଔପଦା ସିଡିପିଓ । ସୂଚନା ଅନୁଯାୟୀ ପିଞ୍ଛାବଣିଆ ଗାଁର ଅଙ୍ଗନବାଡି କେନ୍ଦ୍ରରେ ପିଲାଙ୍କୁ ରନ୍ଧା ଖାଦ୍ୟ ଖାଇବାକୁ ଦିଆଯାଇଥଲା । ହେଲେ ଖାଇବା ବେଳେ ପିଲାଙ୍କ ଥାଳିରୁ ଛେଳି ଖାଦ୍ୟ ଖାଉଥିବା ଦେଖିବାକୁ ମିଳିଥିଲା । କୁନିକୁନି ପିଲାମାନେ ନଜାଣି ଛେଳି ସହ ମିଶି ସବୁ ଖାଦ୍ୟ ଖାଇଥିଲେ । ପିଲାଙ୍କ ସହ ଛେଳି ଖାଇବା ଘଟଣାର ଭିଡିଓ ଭାଇରାଲ ହୋଇଥିଲା । ଏହି ଘଟଣା ପ୍ରଘଟ ହେବା ପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସିଡିପିଓ ।

# ହରିଦ୍ୱାର-ଋଷିକେଶ ଅଭିମୁଖେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ଟ୍ରେନ

## ଉତ୍ତର ଓଡିଶାର ୫ଜିଲ୍ଲାରୁ ଗଲେ ୯୭୦ ଜଣ

ବାଲେଶ୍ୱର(ପିଏନ) 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଚଳିତ ବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ ଆଜି ବାଲେଶ୍ୱର ଷ୍ଟେସନରୁ ଯାତ୍ରାରମ୍ଭ କରିଛି । ଏଥିରେ ଉତର ଓଡିଶାର ୫ ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କେଉଁଝର ଓ ଯାଜପୁରର ମୋଟ ୯୭୦ଜଣ ବରିଷ୍ଠ ନାଗରିକ ହରିଦ୍ୱାର ଓ ଋଷିକେଶ ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭୁବନେଶ୍ୱର ଠାରୁ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଏହାର ଶୁଭାରମ୍ଭ କରିବା ସହିତ ସମସ୍ତଙ୍କର ମଙ୍ଗଳମୟ ତୀର୍ଥଯାତ୍ରା ନିମନ୍ତେ କାମନା କରିଥିଲେ । ମାନ୍ୟବର ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବାଲେଶ୍ୱର ଷ୍ଟେସନରେ ପତାକା ଦେଖାଇ ଯାତ୍ରୀମାନଙ୍କ ସଫଳ ଯାତ୍ରା ପାଇଁ କାମନା କରିଥିଲେ । ବାଲେଶ୍ୱର ଜିଲ୍ଲାରୁ ୨୨୬ଜଣ ତୀର୍ଥଯାତ୍ରୀ ଏଥିରେ ସାମିଲ ହୋଇଛନ୍ତି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ତୀର୍ଥଯାତ୍ରା ନିମନ୍ତେ ୫ ଜିଲ୍ଲାର ଯାତ୍ରୀମାନେ ଗତକାଲି ଠାରୁ ବାଲେଶ୍ୱର ଆସି ସ୍ଥାନୀୟ ବାମପଦା ସ୍ଥିତ ନୋସି ବିଜନେସ୍ ପାର୍କରେ ଅବସ୍ଥାନ କରିଥିଲେ । ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସୁବିଧା ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ପାରମ୍ପରିକ ରୀତିନୀତି, ଗୀତ,ନୃତ୍ୟ, ବାଜା ଓ ଶଙ୍ଖଧ୍ୱନି ସହ ବାଲେଶ୍ୱର ରେଳ ଷ୍ଟେସନରେ ତୀର୍ଥଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ଶୁଭବିଦାୟ ଜଣାଯାଇଥିଲା । ବାଲେଶ୍ୱର ରେଳ ଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ଏକ ମନୋଜ୍ଞ ପରିବେଶରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନସିଂ ମାଧ୍ୟମରେ ତୀର୍ଥଯାତ୍ରୀଙ୍କ ପ୍ରତିକ୍ରିୟା ଶୁଣିଥିଲେ । ପରିଣତ ବୟସରେ ପୁଣ୍ୟ ଅର୍ଜନ ପାଇଁ ଗରିବ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନାର ପ୍ରଣୟନ କରିଥିବାରୁ ତୀର୍ଥଯାତ୍ରୀମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ । ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଅନନ୍ତ ଦାସ, ମାନ୍ୟବର ଜଳେଶ୍ୱର ବିଧାୟକ ଶ୍ରୀ ଅଶ୍ୱିନୀ ପାତ୍ର, ମାନ୍ୟବର ବସ୍ତା ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାହୁ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ଓଡିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ପ୍ରମୁଖ ତୀର୍ଥଯାତ୍ରୀମାନଙ୍କ ଶୁଭଯାତ୍ରାର ଶୁଭକାମନା କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିବେଦିତା ମହାନ୍ତି, ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ ନାୟକ, ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ହରିଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧି ଷ୍ଟେସନରେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଗଗନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ତୀର୍ଥଯାତ୍ରୀଙ୍କ ସହ ସେମାନଙ୍କୁ ଦେଖାଶୁଣା କରିବାକୁ ୩୦ ଜଣ ଅଧିକାରୀ ମଧ୍ୟ ଯାତ୍ରା କରିଛନ୍ତି । ରେଳ ବିଭାଗର ଆଇଆରସିଟିସି ସହଯୋଗରେ ଆୟୋଜିତ ଏହି ଯାତ୍ରାରେ ତୀର୍ଥଯାତ୍ରୀମାନେ ଯାତ୍ରା ଶେଷ କରି ଆସନ୍ତା ୧୮ ତାରିଖ ଦିନ ବାଲେଶ୍ୱର ରେଳ ଷ୍ଟେସନରେ ପହଂଚି ବିଭିନ୍ନ ଜିଲ୍ଲାରୁ ଆସିଥିବା ବସଗୁଡିକ ଯୋଗେ ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି ।

# ଅବସରପ୍ରାପ୍ତ ଏମଭିଆଇଙ୍କୁ ସମ୍ବର୍ଦ୍ଧନା



ଚଣ୍ଡିଖୋଲ, ୧୩/୧୨(ପିଏନ)- ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଏମଭିଆଇ ଜାକିର ଅହମ୍ମଦ ସିଦ୍ଦିକଙ୍କୁ ଆଜି ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ହୋଟେଲ ମିଡଇଷ୍ଟଠାରେ ସଂଘ ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀ, ଏମଭିଆଇ ଚନ୍ଦ୍ରା ବିଶ୍ୱାସ, ଆଡିସନାଲ ଏମଭିଆଇ ସାବିତ୍ରୀ ହେମ୍ବ୍ରମ, ସଂଘର ସଂପାଦକ ଅମିତ କୁମାର ସାହୁ, ଅତିରିକ୍ତ ଆରଡିଓ ଏକେ ରାଉତ, ବରିଷ୍ଠ ଉପଦେଷ୍ଟା ଚନ୍ଦନ ନାୟକ, କୋଷାଦକ୍ଷ ରଜନୀ କାନ୍ତ କର, ଯୁଗ୍ମ ସଂପାଦକ ମହେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ପାଲ, ଅଶୋକ ବେହେରା, ବାପୁ ପୃଷ୍ଟି, ପ୍ରମୋଦ କବି, ରଞ୍ଜିତ ଜେନା, କେଶବ ରାଉତ, ଟୁଟୁ ବାବୁ ସନା ବାବୁ, ଚଗଲା ବାବୁ ପ୍ରମୁଖ ଯୋଗ ଦେଇ ପୂର୍ବତନ ଏମଭିଆଇଙ୍କ କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା ଓ ସ୍ୱଚ୍ଛତା ବିଷୟର ପ୍ରଶଂସା କରିଥିଲେ ।

# ସୁଙ୍ଗୁଡ଼ା ପଞ୍ଚାୟତ ତରଫରୁ ଚଣ୍ଡିଖୋଲ ବଜାର ସଫେଇ



ଚଣ୍ଡିଖୋଲ, ୧୩/୧୨(ପିଏନ)- ତିନୋଟି ଜାତୀୟ ରାଜପଥର ସଙ୍ଗମ ସ୍ଥଳ ଚଣ୍ଡିଖୋଲ ଛକ ଏକ ବ୍ୟସ୍ତ ବହୁଳ ବଜାର ଭାବେ ପରିଚିତ । ଏଠାକୁ ଦୈନିକ ହଜାର ହଜାର ଯାତ୍ରୀ ଭାରତର ବିଭିନ୍ନ ପ୍ରାନ୍ତକୁ ଯାତାୟତ କରିଥାନ୍ତି । ଏଠାରେ ଥିବା ଉଠା ଦୋକାନ, ପରିବା ବଜାର, ଜଳଖିଆ ଦୋକାନ ଆଦିରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିବେଶକୁ ଅତ୍ୟନ୍ତ ଦୁଷିତ କରୁଅଛି । ଚଣ୍ଡିଖୋଲ ଛକକୁ ପ୍ରଦୂଷଣ ମୁକ୍ତ ଓ ସୌନ୍ଦର୍ଯ୍ୟ କରଣ କରିବା ପାଇଁ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ପକ୍ଷରୁ ଆଜି ଦୈନିକ ବଜାର ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ବଜାରକୁ ସୁଙ୍ଗୁଡ଼ା ଗ୍ରାମ ପଞ୍ଚାୟତ ପକ୍ଷରୁ ନିଲାମ ଦିଆଯାଇଥିବାରୁ ବଜାରର ରକ୍ଷଣା ବେକ୍ଷଣ ପାଇଁ ପଞ୍ଚାୟତ ତରଫରୁ ଏବେ ସମ୍ୟକ ପ୍ରୟାସ ଆରମ୍ଭ ହୋଇଛି । ଫଳରେ ସଫେଇ କାର୍ଯ୍ୟ ହାତକୁ ନିଆଯାଇଥିବା ପ୍ରକାଶ । ଏହି ସଫେଇ କାର୍ଯ୍ୟକ୍ରମରେ ପଲିମଙ୍ଗଳ ସେବା ସମବାୟ ସମିତିର ସଭାପତି ସଂଜୟ କୁମାର ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ଯୋଗେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ରାଜକିଶୋର ସ୍ୱାଇଁ, ପ୍ରକାଶ ରାଉତ, ପ୍ରସନ୍ନ ଚୌଧୁରୀ, ଅମରଜ୍ୟୋତି ଜେନା, ରାଜକିଶୋର ପଲେଇ ପ୍ରମୁଖ ସଫେଇ କାର୍ଯ୍ୟକୁ ସହଯୋଗ କରିଥିଲେ ।

# ପୂର୍ବତନ ଜିଲ୍ଲାପରିଷଦଙ୍କ ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର (ପିଏନ)-ବଡ଼ଚଣା ବ୍ଲକ ୧୮ନଂ ଜୋନ୍‌ର ପ୍ରାକ୍ତନ ଜିଲ୍ଲାପରିଷଦ ତଥା ଅଣକା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶିଷ୍ଟ ସାଜସେବୀ ବିମ୍ବାଧର ସିଂହଙ୍କର ଏକାଦଶାହ କ୍ରିୟା ଅବସରରେ ତାଙ୍କ ରାହଳ ଗ୍ରାମସ୍ଥିତ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଯଶୋବନ୍ତ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ବିମ୍ବାଧର ସିଂହଙ୍କ ସମାଜ ସେବା ଓ ଲମ୍ବା ସମୟ ଧରି ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏଥିରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ବଡ଼ଚଣା ବିଜେପି ନେତା ଅମର ନାୟକ, ସମାଜସେବୀ ଦିବାକର ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ, କୈଳାଶ ଚନ୍ଦ୍ର ରାଉତ, ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ନାରୀ ନେତ୍ରୀ ଶ୍ରୀମନ୍ତିନୀ ଜେନା, ମନୋରମା ଆଚାର୍ଯ୍ୟ, ବ୍ରଜକିଶୋର ସ୍ୱାଇଁ, କେଶବ ଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ସାହାଣୀ, ଶାରଦା ପ୍ରସନ୍ନ ମହାନ୍ତି, ନିରଞ୍ଜନ ସେନାପତି, ଗୟାଧର ମହାପାତ୍ର, ଅକ୍ଷୟ କୁମାର ମିଶ୍ର, ଦେବରାଜ ବେହେରା, ଗଣେଶ୍ୱର ବରାଳ, ଗଣେଶ୍ୱର ସାମଲ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# ଆଦାନୀ ପ୍ରଯୋଜିତ 'ଗୁଜରାଟ ଜାଏଣ୍ଟ' ଇଣ୍ଡିଆନ୍ ବକ୍ସିଂ ଲିଗ୍‌ର ସେମିଫାଇନାଲକୁ ଉତ୍ତୀର୍ଣ୍ଣ



ଅହମ୍ମଦାବାଦ, (ପିଏନ): କ୍ରୀଡ଼ା ଜଗତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଆବିଷ୍କାର କରି ସେମାନଙ୍କୁ ଲୋକଲୋଚନକୁ ଆଣିବାର ଦୀର୍ଘସୂତ୍ରୀ ଲକ୍ଷ୍ୟ ନେଇ ଆଦାନୀ ଗ୍ରୁପ ବର୍ତ୍ତମାନ ବକ୍ସିଂ (ମୁଷ୍ଟି) ଜଗତରେ ପ୍ରବେଶ କରିଛି । ଦେଶ ଗଠନର ଏକ ବଳିଷ୍ଠ ଚିନ୍ତାଧାରା ନେଇ ଆଦାନୀ ଗ୍ରୁପ ବିଗ୍ ବାଟଉ ଇଣ୍ଡିଆନ ବକ୍ସିଂ ଲିଗ୍ ର ଉଦ୍‌ଘାଟନୀ ସଂସ୍କରଣରେ ଏକ ଦଳକୁ କ୍ରୟ କରିଛି । ଗୁଜରାଟ ଜାଏଣ୍ଟ ନାମରେ ପରିଚିତ ଏହି ଦଳ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଏବଂ ବିଶ୍ୱ ବକ୍ସିଂ ଚମ୍ପିଅନସିପ୍‌ରେ ରୌପ୍ୟ ପଦକ ଲାଭ କରାଇଥିବା ଅମିତ ପଂଘାଲ ତାଙ୍କର ପ୍ରଥମ ତିନୋଟି ଖେଳରେ ହ୍ୟାଟ୍ରିକ ନିଜ ନାମରେ କରିପାରିଥିବାରୁ ସେମାନେ ସେମିଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇପାରିଛନ୍ତି । ଏହି ଦଳରେ ସରିତା ନେବି, ଦୁର୍ଯ୍ୟୋଧନ ନେଗୀ, ଆଶିଷ କୁମାର, ପୁନମ, ରାଜେଶ ନରୱାଲ, ଚିରାଗ ଏବଂ ସ୍କଟଲ୍ୟାଣ୍ଡର ବିଦେଶୀ ଖେଳାଳୀ ସ୍କଟ ଫରେଷ୍ଟ ସାମିଲ ଅଛନ୍ତି । ଡିସେମ୍ବର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବିଗ୍ ବାଉଟ ଲିଗ୍‌ରେ ଭାଗ ନେଇଥିବା ସମସ୍ତ ଛଅଟି ଦଳ ମଧ୍ୟରୁ ଏହି ଗୁଜରାଟ ଜାଏଣ୍ଟ ଦଳଟି ସମସ୍ତଙ୍କର ଅତ୍ୟନ୍ତ ପସନ୍ଦଯୁକ୍ତ ଦଳ ଭାବେ ଅଗ୍ରଣୀ ରହିଛନ୍ତି ।

କବାଡ଼ି ପ୍ରତିଯୋଗିତାରେ ଲୋକପ୍ରିୟତା ହାସଲ କରିବା ପରେ ଏହା ହେଉଛି ଆଦାନୀ ଗ୍ରୁପର କ୍ରୀଡ଼ା ଜଗତରେ ଦ୍ୱିତୀୟ ସୋପାନ । ବକ୍ସିଂ ଏବଂ କୁସ୍ତି ଭଳି କ୍ରୀଡ଼ାରେ ନିଜର ଏକ ପ୍ରଭୁତ୍ୱ ହାସଲ କରିବା ପରେ, ଭାରତରେ ଲୋକପ୍ରିୟ ହୋଇ ନ ଥିବା କିଛି କ୍ରୀଡ଼ାର ପ୍ରଚାର ଓ ବ୍ୟାପକ ପ୍ରସାର କରିବାର ଲକ୍ଷ୍ୟ ରଖିଛି ଆଦାନୀ ଗ୍ରୁପ । ଆଦାନୀ ଗ୍ରୁପ ଦ୍ୱାରା 'ଗର୍ବ ହେ' ଭଳି ଏକ କ୍ରୀଡ଼ା ଭିତ୍ତିକ ପଦକ୍ଷେପ ନିଆଯାଇଛି ଯାହା ଦ୍ୱାରା ଦେଶର ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାର ସୁଯୋଗ ଦେଇ ଏକ କ୍ରୀଡ଼ାତାରକାରେ ପରିଣତ କରିପାରିବେ ଏବଂ ଯେଉଁମାନେ କ୍ରୀଡ଼ାଜଗତରେ ଭାରତର ପ୍ରତିନିଧିତ୍ୱ କରିବାରେ ସଫଳ ହୋଇପାରିବେ । ମୁଷ୍ଟି ଏବଂ କୁସ୍ତି ଭଳି କ୍ରୀଡ଼ାରେ ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଭାରତର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ମୌଳିକ ସ୍ତରରେ ଏହି କ୍ରୀଡ଼ାଗୁଡ଼ିକର ସ୍ଥିତି ଅଧିକ ମଜଭୁତ କରିବାରେ ଯୋଗଦାନ ଦେବା ନିମନ୍ତେ ଏହି ବିଗ୍ ବାଟଉ ଇଣ୍ଡିଆନ ଲିଗ୍‌ରେ ଭାଗ ନେବା ହେଉଛି ଆମର ଲକ୍ଷ୍ୟ ବୋଲି ଆଦାନୀ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ, ତୈଳ, କୃଷି ଏବଂ ଗ୍ୟାସ, ଶ୍ରୀ ପ୍ରଣବ ଆଦାନୀ କହିଛନ୍ତି ।

ବିଗ୍ ବାଉଟ ଇଣ୍ଡିଆନ ବକ୍ସିଂ ଲିଗ୍‌ର ଅନ୍ୟ ପ୍ରତିଯୋଗୀମାନେ ହେଲେ ପଞ୍ଜାବ ପାନ୍ଥର୍ସ, ଓଡ଼ିଶା ୱାରିୟର୍ସ, ବମ୍ବେ ବୁଲେଟସ, ନର୍ଥଇଷ୍ଟ ରାଇନୋସ, ବେଙ୍ଗାଲୁରୁ ବ୍ରୱଲର୍ସ ।

# ନବ ଦମ୍ପତ୍ତିଙ୍କୁ ଚାରା ଉପହାର



ଚଣ୍ଡିଖୋଲ, ୧୩/୧୨(ପିଏନ)- ବିବାହ, ବ୍ରତ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ମୂଲ୍ୟବାନ ଉପହାର ପରିବର୍ତ୍ତେ ଯଦି ଲୋକମାନଙ୍କୁ ବିଭିନ୍ନ ସଚେତନାତ୍ମକ ଧର୍ମୀ ଉପହାର ପ୍ରଦାନ କରାଯାଏ ତାହା ଲୋକ ମାନଙ୍କ ମଧ୍ୟରେ ସଚେତନ କରିବ । ଏହି ଭଳି ଏକ ଅଭିନବ ଉପହାର ଯାହା ଉପସ୍ଥିତ ଲୋକମାନଙ୍କୁ ଆନନ୍ଦ ଦେଇଥିଲା । ଚଣ୍ଡିଖୋଲ ସନ୍ନକଟ ଧର୍ମଶାଳା ଭବନରେ ଆୟୋଜିତ ଡଃ. ସୁବ୍ରତ ନାରାୟଣ ଖଣ୍ଡାଇ ଓ ଆଞ୍ଜେଲିନା ରାଉତରାୟଙ୍କ ବିବାହ ଉତ୍ସବରେ ସମାଜ ସେବୀ ହେମନ୍ତ କୁମାର ଜେନା ନବ ଦମ୍ପତ୍ତିଙ୍କୁ ଚାରା ଉପହାର ଦେଇଥିଲେ । ଯାହା ପରିବେଶ ସଚେତନତା ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମକୁ ଲୋକ ମାନଙ୍କ ମଧ୍ୟରେ ଆଦୃତ କରାଇବା ।

# ଖଣିଖାଦାନ ଭରା ଯୋଡା ଅଂଚଳର ଗର୍ବ ଗାୟିକା ଶୁଭଶ୍ରୀ



କେନ୍ଦୁଝର(ପିଏନ) : ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାର ଯୋଡା ଭଳି ଏକ ଆଦିବାସୀ ଅଧ୍ୟୁଷିତ ତଥା ଶିକ୍ଷା,ସଂସ୍କୃତି,ପରମ୍ପରା ସଚେତନତା ପ୍ରସଙ୍ଗରେ ପଛୁଆ ଉପାନ୍ତ ଅଂଚଳରେ ନିଜର ପରିଶ୍ରମ,ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ସଙ୍ଗୀତ ଭଳି ଏକ କଳାକୁ ଆପଣାଇ ନିଜର ତଥା ନିଜ ପରିବାର ସମେତ ସମଗ୍ର ଯୋଡା ଅଂଚଳକୁ ରାଜ୍ୟ ଏବଂ ରାଜ୍ୟ ବାହାରେ ସୁନାମ କରାଇଥିବା ଯୋଡା ସହରର ଶୁଭଶ୍ରୀ ଜେନା ଆଗାମୀ ପିଢୀ ପାଇଁ ଏକ ଉଦାହରଣ ପାଲଟିଛନ୍ତି । କେନ୍ଦୁଝର ଜିଲ୍ଲା ଯୋଡା ଠାରେ ଦୀର୍ଘ ୩୩ ବର୍ଷରୁ ଅଧିକ ସ୍ଥାୟୀ ଅଧିବାସୀ ଭାବେ ରହୁଥିବା କେନ୍ଦ୍ରପଡା ଜିଲ୍ଲାର ଆଳି ଅଂଚଳ ପୈତୃକ ଗ୍ରାମର ବାପା ବିଜୟ କୁମାର ଜେନା ଓ ମା'ଶ୍ରୀମତୀ ଜେନାଙ୍କ ତିନୋଟି ସନ୍ତାନ ମଧ୍ୟରୁ ଶୁଭଶ୍ରୀ ଦ୍ୱିତୀୟ ସନ୍ତାନ ଭାବେ ପିଲାଟି ଦିନରୁ ସଙ୍ଗୀତ ପ୍ରତି ଥିବା ଆଗ୍ରହକୁ ବାପା ଓ ମା' ଦେଖିପାରିଥିଲେ । ଖୁବକମ୍ ବୟସରୁ ଶୁଭଶ୍ରୀ ନିଜେ ନିଜେ ସଙ୍ଗୀତ ପ୍ରତି ଆକୃଷ୍ଟ ହେଉଥିବା ଦେଖି ବିଶେଷଭାବେ ମା' ଶ୍ରୀମତୀ ନିଜ ଝିଅର କ୍ୟାରିଅର ସଙ୍ଗୀତ ହେଉ ବୋଲି ଇଚ୍ଛା କରିଥିଲେ । କିନ୍ତୁ ପ୍ରତିବନ୍ଧକ ସାଜିଥିଲା ଆଦିବାସୀ ଅଧ୍ୟୁଷିତ ସୀମାନ୍ତ ଯୋଡା ଅଂଚଳର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା । ସାଧାରଣ ପିଲାଙ୍କ ନିମନ୍ତେ ଭଲ ବିଦ୍ୟାଳୟଟିଏ ନଥିବା ବେଳେ ସଙ୍ଗୀତ ଭଳି ଏକ କଷ୍ଟକର,ଦୈନିକ ଅଭ୍ୟାସ କଳାର ଶିକ୍ଷା ନିମନ୍ତେ ସାତସପନ ଥିଲା । ତଥାପି ମା' ଓ ବାପା ହାର ନମାନି ସଙ୍ଗୀତର କିଛି ଜ୍ଞାନ ଆହରଣ କରିଥିବା ନିଜ ମା'ଙ୍କ ଠାରୁ ପ୍ରଥମେ ଘରେ ସଙ୍ଗୀତ ଶିକ୍ଷା କରିଥିଲେ । ପରେ ପାଠ୍ୟକ୍ରମ ସହ ସଙ୍ଗୀତ ଶିକ୍ଷା ତରୁଣକାନ୍ତ ନାୟକ,ବସନ୍ତ କୁଅଁର,ଶାନ୍ତନୁ କୁମାର ନାୟକ ଗୁରୁଙ୍କ ଠାରୁ ସଙ୍ଗୀତ ଶିକ୍ଷା ଆହରଣ କରିଥିଲେ । ନିଜର ଦକ୍ଷତା ଓ ପାରଦର୍ଶିତା ଶୁଭଶ୍ରୀ ସବୁକ୍ଷେତ୍ରରେ ପ୍ରତିପାଦନ କରିବାକୁ ପଛାଇ ନାହାଁନ୍ତି । ପ୍ରଥମେ ନିଜ ହୋମ ଟାଉନ ଯୋଡା,କେନ୍ଦୁଝର ସମେତ ଆଖପାଖ ଅଂଚଳରେ ସଙ୍ଗୀତ ପରିବେଷଣ କରି ନିଜ ନାଁ ସହ କଳାକୁ ବିକାଶ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ଓ ପୁରସ୍କୃତ ହୋଇଥିଲେ । ଶୁଭଶ୍ରୀଙ୍କ ଏହି ପ୍ରତିଭା ଲୋକଲୋଚନକୁ ଆସିବା ପରେ କିଛି ଶୁଭେଚ୍ଛୁ ଓ ହିତାକାଂକ୍ଷୀ ତାଙ୍କୁ କଟକ କିମ୍ବା ଭୁବନେଶ୍ୱରରେ ରହି ସଙ୍ଗୀତକୁ ପେଶା ଓ ନିଶା କରିବାକୁ ପରାମର୍ଶ ଦେବା ପରେ ଶୁଭଶ୍ରୀ ପ୍ରଥମେ ଓଡିଆ ଆଧୁନିକ ଗୀତ ଗାଇବା ସହିତ ସୁନାମଧନ୍ୟ ସିଙ୍ଗର ସବିଶେଷ ମିଶ୍ର,ଶଶାଙ୍କ ଶେଖରଙ୍କ ସହିତ ରେକୋଡିଂ କରିବା ପରେ ଆଉ ପଛକୁ ଫେରି ଦେଖିନାହାଁନ୍ତି । ପରେ ପ୍ରାୟ ସମ୍ବଲପୁରୀ, ରୋମାଣ୍ଟିକ,ସ୍ୟାଡ ସଙ୍ଗ ଭଳି ପ୍ରାୟ ୧୨ରୁ ଉର୍ଦ୍ଧ୍ୱ ଗୀତ ଗାଇ ସାରିଥିବା ବେଳେ ନିକଟରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସହ ଏକ ରୋମାଂଟିକ ଡୁଏଟ୍ ରିଲିଜ ହୋଇଛି । ନିଜର ନିଷ୍ଠା ଓ ଏକାଗ୍ରତା ସହିତ ମା'ଙ୍କ ପ୍ରେରଣା ହିଁ ତାଙ୍କୁ ଏହି ସ୍ଥାନରେ ପହଂଚାଇଛି ବୋଲି ଶୁଭଶ୍ରୀ କୁହନ୍ତି । ଯୋଡା ଭଳି ଏକ ଆଦିବାସୀ ଅଧ୍ୟୁଷିତ ତଥା ଶିକ୍ଷା, ସଂସ୍କୃତି,ପରମ୍ପରା ସଚେତନତା ପ୍ରସଙ୍ଗରେ ପଛୁଆ ଉପାନ୍ତ ଅଂଚଳରେ ନୃତ୍ୟ, କଳା,ସ୍ଥାପତ୍ୟ,ସଂଗୀତର ଉନ୍ନ ନିମନ୍ତେ ଏକ ବିଧିବଦ୍ଧ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନର ଆବଶ୍ୟକତା ଥିବା ସ୍ଥଳେ ସଙ୍ଗୀତ ଶିକ୍ଷା ନିମନ୍ତେ ଯୋଡାରେ ସେ ଯେଉଁ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଆଉ କେହି ନହୁଅନ୍ତୁ ବୋଲି ଚିନ୍ତା କରି ନିଜ ମା'ଙ୍କୁ ଯୋଡା ଠାରେ ଏକ ସଙ୍ଗୀତ ବିଦ୍ୟାଳୟ ଖୋଲିବା ନିମନ୍ତେ ପରାମର୍ଶ ଦେବା ପରେ କଳା ଓ ସଂସ୍କୃତିକୁ ଭଲ ପାଉଥିବା ମା'ଶ୍ରୀମତୀ ଜେନାଙ୍କ ପ୍ରଚେଷ୍ଟା କାରଣରୁ ଚଳିତବର୍ଷ ଅଗଷ୍ଟ ୨୩ ତାରିଖରେ ଲକ୍ଷ୍ମୀପଡିଆ ଠାରେ ସାରେଗାମାପା ନାମକ ଏକ ସଙ୍ଗୀତ ଶିକ୍ଷା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ସୀମାନ୍ତ ଯୋଡା ଅଂଚଳରେ ଶୁଭଶ୍ରୀଙ୍କୁ ନେଇ ସଙ୍ଗୀତ କ୍ଷେତ୍ରରେ ଅନ୍ୟମାନେ ଉଦାହରଣ ହେଉଥିବା ବେଳେ ଶୁଭଶ୍ରୀଙ୍କ ସଫଳତା ହିଁ ତାଙ୍କୁ ଅନ୍ୟମାନଙ୍କ ପାଇଁ ଆଦର୍ଶରେ ପରିଣତ ହୋଇଛି ।




# ଡିସେମ୍ବର ୧୫ରୁ ଚତୁର୍ଦ୍ଦଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

ଭୁବନେଶ୍ୱର,(ପିଏନ)-ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଚଳିତ ବର୍ଷ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା - ୨୦୧୯ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଡିସେମ୍ବର ୧୫ ତାରିଖ ଠାରୁ ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଅଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାରା ଦେଶର ହସ୍ତଶିଳ୍ପ କାରିଗର, ବୁଣାକାର ଓ ସ୍ଥପତିକାରମାନେ ଏହି ମେଳାରେ ଅଂଶଗ୍ରହଣ କରିବେ ଓ ପାରମ୍ପରିକ ଏବଂ ସମସାମୟିକ ହସ୍ତଶିଳ୍ପ, ହସ୍ତତନ୍ତ ଓ ସ୍ଥପତିକାର ନିଜସ୍ୱ ପ୍ରସ୍ତୁତ ସାମଗ୍ରୀକୁ ପ୍ରଦର୍ଶିତ ହେବାର ବ୍ୟବସ୍ଥା କରାଯାଇଅଛି ବୋଲି ସେ କହିଛନ୍ତି। ଚଳିତ ବର୍ଷ ଏହି ମେଳାରେ ଉଭୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ନିର୍ମିତ ୩୮୦ ଗୋଟି ପ୍ରଦର୍ଶନ କକ୍ଷ ନିର୍ମାଣ କରାଯାଇଅଛି। ସେଥିମଧ୍ୟରୁ ବିଭିନ୍ନ ପ୍ରଦେଶର ୫୦ଜଣ ବୁଣାକାର ବିକାଶ ଆୟୁକ୍ତ ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇଥିବା ସହିତ ରାଜ୍ୟରୁ ପ୍ରାୟ ୧୫୦ ଜଣ ହସ୍ତଶିଳ୍ପ କାରିଗର ଏବଂ ୮୦ ଜଣ ବୁଣାକାରଙ୍କୁ ଯଥାକ୍ରମେ ରାଜ୍ୟ କୁଟୀର ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଓଡ଼ିଶା ସରକାର ଏବଂ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ତରଫରୁ ପ୍ରାୟୋଜିତ ହୋଇଛି। ଏହାବ୍ୟତୀତ ରାଜ୍ୟରେ ହସ୍ତଶିଳ୍ପ ଏବଂ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟରତ ବାରକୋଟି ଅନୁଷ୍ଠାନ ସେମାନଙ୍କ କାର୍ଯ୍ୟାବଳୀର ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଅଛି। ବିଭିନ୍ନ ପ୍ରକାର ପାରମ୍ପରିକ ଏବଂ ସମସାମୟିକ ଓଡ଼ିଆ ଖାଦ୍ୟର ପରିବେଷଣ ନିମନ୍ତେ ରାଜ୍ୟର ପ୍ରମୁଖ ହୋଟେଲଗୁଡ଼ିକୁ ସାମିଲ କରାଯାଇ ସେମାନଙ୍କ ନିମନ୍ତେ ୪୦ଗୋଟି କକ୍ଷ ବିଶିଷ୍ଟ ଏକ ଫୁଡ଼କୋର୍ଟ ଆୟୋଜନ କରାଯାଇଅଛି।୧୩ଦିନ ବ୍ୟାପି ଏହି ମେଳା ପ୍ରତ୍ୟହ ଦିନ ୧୧ଟା ଠାରୁ ଆରମ୍ଭ ହୋଇ ରାତି ୯.୩୦ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ରାତି ୯.୩୦ ପର୍ଯ୍ୟନ୍ତ ରାଜ୍ୟ ତଥା ଆନ୍ତରାଜ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ମେଳାର ଏକ ପ୍ରମୁଖ ଆକର୍ଷଣ। ଚଳିତ ବର୍ଷ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର କେନ୍ଦ୍ରବିନ୍ଦୁ ଅଛନ୍ତି ବଲିଉଡ଼ର ପ୍ରସିଦ୍ଧ ଗାୟିକା ପ୍ରତିଭା ସିଂ ଭାଗଲେ ଏବଂ ଗାୟକ ଅମନ ତ୍ରିର୍ଖେ।ମେଳାକୁ ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଇଅଛି। ଏହାବ୍ୟତୀତ ମେଳାକୁ ସୁଗମ୍ୟ ଓ ପୋଷଣୀୟ ସହିତ ବାର୍ଦ୍ଧକ୍ୟ ହିତପୋଯୋଗୀ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଅଛି। ଏହି ମେଳାର ବିଶେଷତା ଯେ ମେଳାର ବିବରଣୀ ନେତ୍ରହୀନ ବ୍ୟକ୍ତିମାନଙ୍କ ଦ୍ୱାରା ବ୍ରେଲି ଅକ୍ଷରରେ ଛପାଯାଇ ବଂଟନ କରିବାର ବ୍ୟବସ୍ଥା କରାଯାଇଅଛି।

ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ୍ୟ ମେଳାର ମଧ୍ୟ ଭାଗରେ ଏକ ଥିମ ପ୍ୟାଭିଲିୟନ କଳିଙ୍ଗ ତନ୍ତୁକୃତି ବିଷୟ ଉପରେ କରାଯିବାର ପରିକଳ୍ପନା କରାଯାଇଅଛି। ଏହାବ୍ୟତୀତ ମେଳାରେ ଏଟିଏମ, ପ୍ରାଥମିକ ଚିକିତ୍ସା ସେବା, ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଖେଳ ବାଟିକା ଆଦିର ଆୟୋଜନ କରାଯାଇଅଛି। ମେଳାକୁ ଅଧିକ ଆକୃଷ୍ଟ କରିବା ପାଇଁ ଚାରିଗୋଟି ସେଲଫି ଜୋନର ବ୍ୟବସ୍ଥା କରାଯାଇଅଛି।

ରାଜ୍ୟରେ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉପରେ କାର୍ଯ୍ୟରତ ବିଭିନ୍ନ ଅନୁଷ୍ଠାନ ଯଥା ଏନଆଇଏଫଟି, ଭୁବନେଶ୍ୱର ଏଟିଡିସି ଭୁବନେଶ୍ୱର, ଆଇଆଇଏଚଟି ବରଗଡ଼, କେନ୍ଦ୍ରୀୟ ରେଶମ ପରିଷଦ, ବେଙ୍ଗାଲୁର, ସିଡାକ, ସାଧକ ସମେତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନମାନ ସେମାନଙ୍କ କାର୍ଯ୍ୟ ପରିସର ବିଷୟରେ ବିସ୍ତୃତ ବିବରଣୀ ଛାତ୍ର ଓ ଛାତ୍ରୀମାନଙ୍କୁ ଦେବା ନିମନ୍ତେ ଷ୍ଟଲ ଖୋଲିବେ। ଭାରତ ସରକାରଙ୍କ ସଂସ୍ଥାମାନେ ଯଥା ବୁଣାକାର ସେବାକେନ୍ଦ୍ର, ଭାରତ ସରକାର, ଓଡ଼ିଶା, ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର ପର୍ଯ୍ୟଟନ ବିଭାଗ, ଭାରତ ସରକାର, ଓଡ଼ିଶା ରାଜ୍ୟ ବାଳ ସୁରକ୍ଷା ସମିତି ମଧ୍ୟ ଏହି ମେଳାରେ ଅଂଶଗ୍ରହଣ କରିବେ ତଥା ନିଜ ନିଜ କାର୍ଯ୍ୟକ୍ରମ ବିଷୟରେ ପରିଦର୍ଶକଙ୍କ ଅବଗତ ନିମନ୍ତେ ସିଡାକ ତରଫରୁ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ଲାଇଭ ଡେମୋନଷ୍ଟ୍ରେସନ କରାଯିବ ତଥା ନମୁନା ବିକାଶ କାର୍ଯ୍ୟକ୍ରମରେ ଉଦ୍ଭାବିତ ହୋଇଥିବା ନୂତନ ହସ୍ତଶିଳ୍ପ ସାମଗ୍ରୀମାନଙ୍କର ପ୍ରଦର୍ଶନ କରାଯିବ। ସେହିପରି ରାଜ୍ୟର ହସ୍ତତନ୍ତ ଓ ହସ୍ତଶିଳ୍ପ ଡିଜାଇନରମାନଙ୍କ ନୂତନ ଉଦ୍ଭାବନଗୁଡ଼ିକର ପ୍ରଦର୍ଶନ ନିମିତ ଏକ ସ୍ୱତନ୍ତ୍ର ଷ୍ଟଲର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ପ୍ରାୟ ୨୨ ଲକ୍ଷ ପରିଦର୍ଶକମାନଙ୍କର ସମାଧାର ଆକଳନ କରାଯିବା ସହିତ ୨୧.୫୦ କୋଟିର ବିକ୍ରିବଟା ହେବାର ପୂର୍ବାନୁମାନ କରାଯାଇଅଛି। ବିଗତ ବର୍ଷ ଏହି ମେଳାରେ ୨୧.୩୭ ଲକ୍ଷ ଦର୍ଶକମାନଙ୍କର ସମାହାର ହୋଇଥିବାବେଳେ ୨୦.୮୨ କୋଟିର ବିକ୍ରିବଟା ହୋଇଥିଲା।

ଉକ୍ତ ଉତ୍ସବରେ ୨୦୧୯ ମସିହା ପାଇଁ କୃତି ହସ୍ତଶିଳ୍ପ କାରିଗରମାନଙ୍କ ଜୀବନବ୍ୟାପୀ ହସ୍ତଶିଳ୍ପ ପୁରସ୍କାର ଓ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ନିମନ୍ତେ ୩.୫୯ କୋଟି ଟଙ୍କା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ବ୍ୟବସ୍ଥା କରିଛନ୍ତି। ଏହି ମେଳା ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହିତ ବିକାଶ ଆୟୁକ୍ତ(ହସ୍ତଶିଳ୍ପ) ଓ ବିକାଶ ଆୟୁକ୍ତ(ହସ୍ତତନ୍ତ), ଭାରତ ସରକାରଙ୍କ ହସ୍ତତନ୍ତ ମନ୍ତ୍ରଣାଳୟର ସହଭାଗିତାରେ ଅନୁଷ୍ଠିତ କରାଯାଉଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ନିତିନ ଚନ୍ଦ୍ର, ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟି, ହସ୍ତଶିଳ୍ପ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବସନ୍ତ ଦାସ, ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀ ବୃନ୍ଦାବନ ବେହେରା, ଯୁଗ୍ମ ସଚିବ ଶ୍ରୀମତୀ ଅଞ୍ଜନା ପଣ୍ଡା ସାମ୍ବାଦିକମାନଙ୍କର ପ୍ରଶ୍ନର ଉତର ଦେଇଥିଲେ।

## ଦର୍ପଣ ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ, ୪ ଟ୍ରାକ୍ଟର ୧ ଟିପ୍ପର ଜବତ

ବାଲିଚନ୍ଦ୍ରପୁର (ପିଏନ)-ଦର୍ପଣ ତହସିଲର ବିଭିନ୍ନ ଅଞ୍ଚଳରେ ଦୀର୍ଘ ଦିନ ହେବ ବ୍ୟାପକ ଚୋରା ମୋରମ୍, ବୋଲ୍ଡର, ମାଙ୍କଡ଼ା ପଥର, ବାଲି ଆଦି ଲଘୁ ଖଣିଜ ପଦାର୍ଥ ଲୁଟ୍ ହୋଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ନୂତନ ତହସିଲଦାର ଯୋଗ ଦେବା ପରେ ଆଜି ଶୁକ୍ରବାର ଭୋର ସମୟରେ ବାଲିଚନ୍ଦ୍ରପୁର ଥାନା ଓ ଦର୍ପଣ ତହସିଲ ମିଳିତ ଚଢ଼ାଉ ଫଳରେ ତାଲୁଆ ବାଲିକୁଦା ନଦୀ ଘାଟରୁ ବେଆଇନ୍ ବାଲି ବୋଝେଇ କରି ନେଉଥିବା ୩ ଗୋଟି ଟ୍ରାକ୍ଟରକୁ ଜବତ କରିଥିବା ବେଳେ ଦର୍ପଣ ତହସିଲଦାର ଛତିଆ ଏବଂ ଚଣ୍ଡିଖୋଲ ନିକଟରୁ ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟିପ୍ପରକୁ ଜବତ କରିଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ତହସିଲଦାର ବରେନ୍ଦୁ ମହାନ୍ତି ଓ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରେ ୫ ଗୋଟି ଗାଡ଼ି ଜବତ କରାଯାଇଛି, ସେଥି ମଧ୍ୟରୁ ଦୁଇ ଗୋଟି ଗାଡ଼ିରୁ ୪୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ବେଳେ ଅନ୍ୟ ୩ ଗୋଟି ଗାଡ଼ି ଜବତ ରହିଛି। ନୂତନ କରି ଯୋଗ ଦାନ ପରେ ତହସିଲଦାରଙ୍କ ଏତାଦୃଶ ପଦକ୍ଷେପକୁ ବଡ଼ଚଣାବାସୀ ପ୍ରଶଂସା କରିଛନ୍ତି।

## ଆମ୍ବୋ ହାଇସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ଭିତିପ୍ରସ୍ତର ସ୍ଥାପନ

କେନ୍ଦୁଝର (ପିଏନ): ହାଟଡିହି ବ୍ଲକର ଆମ୍ବୋ ଗୋପୀନାଥ ଜିଓ ବିଦ୍ୟାମନ୍ଦିର ହାଇସ୍କୁଲର ଅତିରିକ୍ତ ଶ୍ରେଣୀଗୃହ ନିମନ୍ତେ ବିଧାୟକ ଭାଗୀରଥୀ ସେଠୀ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ଗୃହଟି ପାଇଁ ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ଆରଡି ବିଭାଗ ଯୋଗାଇ ଦିଆଯାଇଛି। ଉକ୍ତ ଘରଟି ନିର୍ମାଣ ହେଲେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଶିକ୍ଷାଦାନରେ ସୁବିଧା ହେବ ବୋଲି ଆଶା ପ୍ରକଟ କରାଯାଇଛି। ଏହି ସମୟରେ ସରପଂଚ ରାମ ଦାସ, ଆରଡି ବିଭାଗର ଏସଡିଓ, ଯନ୍ତ୍ରୀ ଉପସ୍ଥିତ ଥିବା ବେଳେ ପ୍ରଶାନ୍ତ ରାଉତ, ବାବୁଲି ପଟ୍ଟନାୟକ, ସୁଧାକର ଓଝା, ଟୁନା ମହାପାତ୍ର, ଜିଲାପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା ପ୍ରମୁଖ ବହୁ ଗ୍ରାମବାସୀ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଥିଲେ।

## ମହୁଲପଙ୍କା ଠାରୁ କୁରାଡ଼ିଘଷା ରାସ୍ତା ଭିତିପ୍ରସ୍ତର

କେନ୍ଦୁଝର(ପିଏନ) : ହାଟଡିହି ବ୍ଲକର ପଡ଼ିଆରୀପଲୀ ପଂଚାୟତର ମହୁଲପଙ୍କା ଠାରୁ କୁରାଡ଼ିଘଷା ରାସ୍ତାଟିର ଉନ୍ନତି କରଣ ପାଇଁ ବିଧାୟକ ଭାଗୀରଥୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ରାସ୍ତାଟି ଆରଡି ବିଭାଗ ଅଧିନରେ ଥିବା ବେଳେ ଏହା ୧କୋଟି ୬ ଲକ୍ଷ ଅର୍ଥ ଅନୁଦାନ ଯୋଗାଇ ଦିଆଯାଇଛି। ଏହି ରାସ୍ତା ଦ୍ୱାରା ଗ୍ରାମାଂଚଳ ଲୋକମାନଙ୍କର ଯାତାୟତର ସୁବିଧା ହେବ ବୋଲି ଆଶା କରାଯାଇଛି। ଏହା ବାଲେଶ୍ୱର ଜିଲାକୁ ସଂଯୋଗ କରୁଛି। ଏହି ଭିତିପ୍ରସ୍ତର ସମୟରେ ସରପଂଚ ନିରୂପମା ପାତ୍ର, ଆରଡ଼ି ବିଭାଗର ଏସଡିଓ ସୁବଳ କୁମାର ପଣ୍ଡା, ଯନ୍ତ୍ରୀ ଦାଶରଥୀ ସେଠୀ, କଂଟ୍ରାକ୍ଟର ପ୍ରଶାନ୍ତ କୁମାର ରାଉତ, ବାବୁଲି ପଟ୍ଟନାୟକ, ସୁଧାକର ଓଝା, ଶାନ୍ତନୁ ସେଠୀ, ପ୍ରେମାନନ୍ଦ ମଲ୍ଲିକ, ପ୍ରଦୀପ ଜେନା, ସୁଜିତ ସେଠୀ , ମୁନା ସାମଲ, ଚିନ୍ମୟ ନାୟକ, ଅଲେଖ ବେହେରା, ପବିତ୍ର ପେଡ଼ା, ପୂର୍ବତନ ଜିଲା ପରିଷଦ ସୋମନାଥ ଦାସ, ରାଜେନ୍ଦ୍ର ପାତ୍ର, ଶରତ ନାୟକ, ଆନନ୍ଦ ଚନ୍ଦ୍ର ରାଉତ, ଗୌରାଙ୍ଗ ରଣା, ହୁରିଆ ସାହୁ, ବଳରାମ ଗିରି, ଗୋଲଖ ରାଉତ, ବିକ୍ରମ ବାହାଦୁର ଛେତ୍ରୀ, ମୁରଲୀ ସାହୁ, ଶିବ ବେହେରା, ଅଜାମ୍ବିଳ ବେହେରା ପ୍ରମୁଖ ବହୁ କର୍ମୀ ଓ ଗ୍ରାମବାସୀ ଏହି ଭିତିପ୍ରସ୍ତର ସମୟରେ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କେନ୍ଦୁଝର (ପିଏନ) : ହାଟଡିହି ବ୍ଲକ କାର୍ଯ୍ୟାଳୟ ପରିସରରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଡ଼ିଓ ଜୟଦେବ ଦାସ, ଡିଏସଏସଓ ଜୟକୃଷ୍ଣ ବାରିକ, ଏସଏସଏସଓ ଶମ୍ଭୁନାଥ ରାଉତ, ଜେବିଏସଏସଓ ଅଭିନାଶ ପତି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡାକ୍ତର ନିହାର ରଂଜନ ରାଉତ, ଡ. ଉଦୟ ଭାସ୍କର ପଣ୍ଡା, ଡ. ଦିଲୀପ କୁମାର ଜେନା, ଆଦି ଡାକ୍ତର ମାନେ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରିବା ସହିତ ପରୀକ୍ଷା କରିଥିଲେ। ଏବଂ ସେମାନେ କେତେ ଶତକଡ଼ା ଭିନ୍ନକ୍ଷମ ତାହା ମଧ୍ୟ ଦେଖିଥିଲେ।

## ନିଗମ ହେଲଥ କେୟାରର ନୂତନ ଶାଖାର ଶୁଭାରମ୍ଭ

ଭୁବନେଶ୍ୱର,(ପିଏନ)- ନିମ୍ନ, ମଧ୍ୟବିତ ଶ୍ରେଣୀର ଲୋକଙ୍କ ପାଇଁ ଶୁଭାରମ୍ଭ ହେଲା ନିଗମ ହେଲଥ କେୟାର। ଆଜି ଗଙ୍ଗନଗର ଠାରେ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ନିଗମ ହେଲଥ କେୟାର ଉଦଘାଟିତ ହୋଇଯାଇଛି। ଅନ୍ୟତମ ଅତିଥି ଭାବେ ଉଠା ଜଳସେଚନ ନିଗମର ଅଧକ୍ଷ ଶ୍ରୀ ଅମରେଶ ପତ୍ରୀ, ପୂର୍ଣ୍ୟ ଉତ୍କଳର ଅଧକ୍ଷ ମନୋରଞ୍ଜନ ମହାପାତ୍ର ଓ କ୍ରିଟିକାଲ କେୟାର ବିଶେଷଜ୍ଞ ଡ. ହରିଶ ଚୌଧୁରୀ ଯୋଗ ଦେଇଥିଲେ। ହସ୍ପିଟାଲ ପରିଚାଳନା ନିର୍ଦ୍ଦେଶକ ଡ. ଅନୁପମ ବେହେରା ଓ ପ୍ରତିଷ୍ଠାତା ଭଗବାନ ଚରଣ ବେହେରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କର୍ପୋରେଟ ଢାଂଚାରେ ନିମ୍ନମଧ୍ୟବିତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଯୋଗାଇବାର ସୁବିଧା କରୁଥିବାରୁ ମନ୍ତ୍ରୀ ଶ୍ରୀ ପଣ୍ଡା ଖୁସି ପ୍ରକାଶ କରିଥିଲେ। ଯୁବ ଡ଼ାକ୍ତର ତଥା ଜଣେ ସଫଳ ଉଦ୍ୟୋଗୀ ହୋଇଥିବାରୁ ଡ. ଅନୁପମ ବେହେରାଙ୍କୁ ରାଜ୍ୟ ଯୁବ ବିଜେଡ଼ି ସଭାପତି ଶ୍ରୀ ଅମରେଶ ପତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟର ବ୍ୟବସାୟୀକରଣ ନକରି ସେବାକୁ ଧ୍ୟାନ ଦେବା ପାଇଁ ମନୋରଞ୍ଜନ ମହାପାତ୍ର ଉଦବୋଧନ ଦେଇଥିଲେ। ସ୍ୱାସ୍ଥ୍ୟ ଓ ସମାଜ ସେବାରେ ନିଗମ ହେଲଥ କେୟାର ସହରରେ ବାସ କରୁଥିବା ନିମ୍ନ ମଧ୍ୟବିତଙ୍କ ପାଖରେ ଅହରହ ଲାଗି ରହୁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡ. ହରିଶ ଚୌଧୁରୀ କାମନା କରିଥିଲେ। ଆଗାମୀ ଦିନରେ ସହରାଂଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ଉଦାହରଣ ସୃଷ୍ଟି କରିବୁ ବୋଲି ଡ. ବେହେରା ମତବ୍ୟକ୍ତ କରିଥିଲେ।

## ଯୁବ ରେଡ଼କ୍ରସ ପକ୍ଷରୁ ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ ଶିବିର ଉଦଯାପିତ

ଭୁବନେଶ୍ୱର, (ପିଏନ)-ଭାରତୀୟ ରେଡ଼କ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ୍ ବିଭାଗ ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନ, ଭୁବନେଶ୍ୱର ଠାରେ ଏକ ୩ ଦିନିଆ ଯୁବ ରେଡକ୍ରସ୍‌ର ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ରୁ ଅଧିକ ଅଣତାଲିମ ପ୍ରାପ୍ତ ଯୁବ ରେଡ଼କ୍ରସର ପରାମର୍ଶଦାତାମାନେ ଅଂଶଗ୍ରହଣ କରିଥିଲେ। ଯୁବ ରେଡକ୍ରସ୍‌ର ପରାମର୍ଶଦାତାମାନଙ୍କୁ ଯୁବ ରେଡକ୍ରସ୍‌ର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ବିଷୟରେ ପରିଚିତ କରାଇ ସେମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ସ୍ୱେଚ୍ଛାସେବୀମାନଙ୍କୁ ଉପଯୁକ୍ତ ଦିଗଦର୍ଶନ ଦେବା ଏବଂ ସାମାଜିକ କର୍ତବ୍ୟ ଓ ଦାୟିତ୍ୱବୋଧ ବିଷୟରେ ଅବଗତ କରାଇବା ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଉକ୍ତ ପ୍ରଶିକ୍ଷଣ ଶିବିରର ଉଦଘାଟନୀ ଉତ୍ସବରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଜିର ଏହି ଉଦ୍‌ଯାପନୀ ଉତ୍ସବରେ ଡ. ଦିଲ୍ଲିପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡକ୍ରସ୍‌ର ଏଭଳି ପଦକ୍ଷେପ ଯୁବ ରେଡକ୍ରସ୍‌ର କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ସଭାପତିତ୍ୱ ଅବସରରେ ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ ରେଡକ୍ରସର ଆଭିମୁଖ୍ୟ ଓ ଏହାର ପ୍ରସାର ଦିଗରେ କର୍ଯ୍ୟ କରିବା ପାଇଁ ପ୍ରତ୍ୟେକ ପରାମର୍ଶଦାତାଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ପ୍ରଶିକ୍ଷଣ ଶିବିରରେ ରେଡ଼କ୍ରସ୍‌ର ଇତିହାସ, ମୌଳିକ ନୀତି, ରେଡ଼କ୍ରସ୍‌ର ଚିହ୍ନ ଏବଂ ଏହାର ବ୍ୟବହାର, ଏଡ଼ସ୍ ସଚେତନତା ଓ ରେଡ ରିବନ କ୍ଲବର କାର୍ଯ୍ୟକ୍ରମ, ବିପର୍ଯ୍ୟୟ ପରିଚାଳନାରେ ଓ ମନୋସ୍ତାତ୍ୱିକ ଯତ୍ନ, ସ୍ୱେଚ୍ଛାକୃତ ରକ୍ତଦାନ, ବିପର୍ଯ୍ୟୟ ପରିଚାଳନା, ଜଳବାୟୁ ପରିବର୍ତନ ଓ ପରିବେଶ ସୁରକ୍ଷା ଆଦି ବିଷୟରେ ବିଭିନ୍ନ ଦକ୍ଷ ବ୍ୟକ୍ତିମାନେ ଆସି ପ୍ରଶିକ୍ଷଣ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଏହି ୩ ଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତାଙ୍କ ଅଭିଭାଷଣରେ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଦେଇଥିଲେ। ଏହି ସଭା କାର୍ଯ୍ୟକୁ ଶ୍ରୀ ଲିଙ୍ଗରାଜ ପଣ୍ଡା ପରିଚାଳନା କରିବାରେ ସହାୟତା ପ୍ରଦାନ କରିଥିଲେ।

## ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଓ ସାଗରର ନାମ କଳିଙ୍ଗ ସାଗର ହେଉ

ଭୁବନେଶ୍ୱର, (ପିଏନ)- କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ପାଇଁ ଦାବି ଜୋର ଧରିଛି। ଦାବି ଜୋର ଧରିବା ମଧ୍ୟ ସ୍ୱାଭାବିକ। ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବାଲିଯାତ୍ରା ସମ୍ପର୍କରେ ଅବଗତ ଅଛନ୍ତି। ଏହା ଭାରତର ଗର୍ବ ଓ ଗୌରବ ବୋଲି ଅନୁଭବ କରି ବିଦେଶ ମାଟିର କଟକ ବାଲିଯାତ୍ରାର ଉଚ୍ଚ ପ୍ରଶଂସା କରିଛନ୍ତି। ଯେଉଁ ବାଲିଯାତ୍ରା ଆମ ଦେଶର ଗୌରବ ବୋଲି ପ୍ରଧାନମନ୍ତ୍ରୀ ଏହାର ଉଦାହରଣ ବିଦେଶରେ ନିଜ ଭାଷଣ ଛଳରେ ଦେଉଛନ୍ତି ତାହାହିଁ ଜାତୀୟ ମାନ୍ୟତା। କେବଳ କାଗଜରେ ମାନ୍ୟତା ଦେବା ବାକି ଅଛି। ଏହି ମାନ୍ୟତା ନିଶ୍ଚୟ ମିଳିବ ଓ ଏହାକୁ ଅତିଶୀଘ୍ର ମାନ୍ୟତା ଦେବା ପାଇଁ ଉତ୍କଳ ସମ୍ମିଳନୀ ପକ୍ଷରୁ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା ଦାବି କରିଛନ୍ତି। କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା ସଙ୍ଗେ ସଙ୍ଗେ ବାଲିକୁ ଯାତ୍ରା ହେଉଥିବା ସମୁଦ୍ରର ନାମ କଳିଙ୍ଗ ସାଗର ଭାବେ ନାମିତ ହେବା ଆବଶ୍ୟକ। ଓଡ଼ିଶାର ବେଳାଭୂମିକୁ ଲାଗି ରହିଥିବା ସାଗରର ନାମ ବଙ୍ଗୋପସାଗର କାହିଁକି ହେବ? ପୂର୍ବରୁ ଏହାର ନାମ କଳିଙ୍ଗ ସାଗର ଥିଲା। ବର୍ତମାନ ଏହାର ନାମ ପରିବର୍ତନ କରି କଳିଙ୍ଗ ସାଗର ରଖିବାକୁ ଉତ୍କଳ ସମ୍ମିଳନୀ ଦାବି କରେ ବୋଲି ଶାଖା ସଭାପତି ଶ୍ରୀ ଦାଶଶର୍ମା କହିଛନ୍ତି। ଏଣୁ କେନ୍ଦ୍ର ସରକାର କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦେବା ସହିତ ବଙ୍ଗୋପସାଗରର ନାମ ପରିବର୍ତନ କରି ଏହାର ନାମ କଳିଙ୍ଗ ସାଗର ରଖିବା ପାଇଁ ପ୍ରୟାସ ଆରମ୍ଭ କରିବେ ବୋଲି ଦାବି ହୋଇଛି।

## ଯାଜପୁରରୁ ତୀର୍ଥ ଯାତ୍ରାରେ ଗଲେ ୧୬୮ ଜଣ ବରିଷ୍ଠ ନାଗରିକ

ଯାଜପୁର, (ପିଏନ)- ଯାଜପୁର ଜିଲ୍ଲାରୁ ୧୬୮ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରାରେ ଗୁରୁବାର ବାହାରିଚ୍ଛନ୍ତି। ଏହି ୧୬୮ ଜଣଙ୍କ ମଧ୍ୟରୁ ୫୪ ଜଣ ଦମ୍ପତି ଥିବାବେଳେ ୭୦ ଜଣ ଏକକ ତୀର୍ଥଯାତ୍ରୀ ଅଚ୍ଛନ୍ତି। ଏହି ତୀର୍ଥଯାତ୍ରୀ ମାନେ ହରିଦ୍ୱାର ଓ ଋଷିକେଶ ପରିଭ୍ରମଣ କରି ୧୮ ତାରିଖରେ ଓଡିଶା ଫେଂରି ଆସିବେ ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି କହିଚ୍ଛନ୍ତି। ଗୁରୁବାର ଅପରାହ୍ନରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରୁ ଯାଜପୁର ଜିଲ୍ଲାର ତୀର୍ଥଯାତ୍ରୀ ମାନଙ୍କୁ ପ୍ରେରଣ କରାଯାଇଥିଲା। ସମସ୍ତ ତୀର୍ଥଯାତ୍ରୀଙ୍କୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦିଆଯିବା ସହ ସେମାନଙ୍କ ଯାତ୍ରା ଅତ୍ୟନ୍ତ ଶୁଭପ୍ରଦ ଓ ଶୃଙ୍ଖଳିତ ହେଉ ବୋଲି ଶ୍ରୀ ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଈଶ୍ୱରଙ୍କ ନିକଟରେ କାମନା କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ନିରୋଜ କୁମାର ସାହୁ ସୂଚନା ଦେଇ ରାଜ୍ୟ ସରକାରଙ୍କର ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନେ ବେଶି ମାତ୍ରାରେ ଉପକୃତ ହେବା ସହ ବିଭିନ୍ନ ତୀର୍ଥ ସ୍ଥାନ ବୁଲି ଆନନ୍ଦ ଅନୁଭବ କରୁଚ୍ଛନ୍ତି ବୋଲି କହିଥିଲେ। ତୀର୍ଥ ଯାତ୍ରୀମାନେ ଗୁରୁବାର ବାଲେଶ୍ୱରରେ ପହଂଚିବେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆସନ୍ତା କାଲି ଅର୍ଥାତ୍ ଶୁକ୍ରବାର ଟ୍ରେନରେ ହରିଦ୍ୱାର ଓ ଋଷିକେଶ ଅଭିମୁଖେ ପ୍ରେରଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ୪ ଟି ଗାଡିରେ ତୀର୍ଥଯାତ୍ରୀ ମାନେ ପରେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଏହି ଗାଡି ଗୁଡିକୁ ଭାରପ୍ରାପ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୂର୍ବରୁ ଆବେଦନ କରିଥିବା ବରିଷ୍ଠ ନାଗରିକ ମାନଙ୍କ ଆବେଦନ ପତ୍ର ଯାଂଚ୍ ପରେ ଲଟେରୀ ମାଧ୍ୟମରେ ତୀର୍ଥ ଯାତ୍ରୀଙ୍କୁ ଚୟନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ୧୪ ଓ ୧୫ ତାରିଖରେ ଅସୁରେଶ୍ୱର ଗୋରକ୍ଷଣୀର ପ୍ଲାଟିନମ୍ ଜୁବୁଲୀ

### ଯୋଗଦେବେ ରାଜ୍ୟପାଳ ଏବଂ ଗଜପତି ମହାରାଜ

ଭୁବନେଶ୍ୱର, (ପିଏନ)- ଚଳିତ ଡିସେମ୍ବର ମାସ ୧୪ ଓ ୧୫ ତାରିଖରେ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱରସ୍ଥିତ ଗୋରକ୍ଷଣୀର ପ୍ଲାଟିନମ୍ ଜୁବୁଲୀ (୭୫ ବର୍ଷ ପୂର୍ତି) ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଡିସେମ୍ବର ୧୪ ତାରିଖ ଅପରାହ୍ଣ ୪ ଟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦଘାଟନ କରିବାକୁ ଥିବାବେଳେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୧୫ ତାରିଖରେ ଉଦଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ଏହି ୨ ଦିନିଆ ଉତ୍ସବରେ ଡିସେମ୍ବର ୧୪ ତାରିଖ ସକାଳ ୮.୩୦ରେ ଗୋପୂଜନ ଏବଂ ପୂର୍ବାହ୍ନରେ ମୁଷ୍ଟିଦାତ୍ରୀ ଓ ଗୋସେବକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ କିସ୍ ବିଶ୍ୱ ବିଦ୍ୟାଳୟର କୂଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଏବଂ ସମ୍ମାନନୀୟ ଅତିଥି ଭାବେ କଟକ ସଦର ବିଧାୟକ ଶ୍ରୀ ଚନ୍ଦ୍ରସାରଥୀ ବେହେରା, ସାଲେପୁର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ବେହେରା, ଗାନ୍ଧୀ ବିଚାର ମଂଚର ସଭାପତି ପ୍ରହ୍ଲାଦ ସିଂହ, ସ୍ତମ୍ଭକାର ଅଧ୍ୟାପକ ଅଭିରାମ ବିଶ୍ୱାଳ ଏବଂ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧକ୍ଷା ସବିତା ଓଝା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ଅପରାହ୍ଣରେ ଉଦଘାଟନୀ ଉତ୍ସବରେ ଶ୍ରୀ ଗଜପତି ମହାରାଜାଙ୍କ ସହିତ ମୁଖ୍ୟବକ୍ତା ଭାବେ କ୍ରୀୟାଯୋଗାଶ୍ରମ, ପୁରୀରୁ ପରମହଂସ ପ୍ରଜ୍ଞାନନ୍ଦ ଗିରି ଏବଂ ସମ୍ମାନନୀୟ ଅତିଥିଭାବେ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ, ଆଇନ୍, ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୫ ତାରିଖ ସକାଳ ୧୦ଟାରେ ଗୋସେବା ଓ ଚିକିତ୍ସା ଶିବିର, ଅପରାହ୍ଣ ୨ଟାରେ 'ଗୋବତ୍ସା ପ୍ରଦର୍ଶନୀ' ଅନୁଷ୍ଠିତ ହେବ। ଏହି ଦିନ ଅପରାହ୍ଣ ୪ ଟାରେ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ, ସମ୍ମାନନୀୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା, ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଏବଂ ସାଂସଦ ଶ୍ରୀ ଅନୁଭବ ମହାନ୍ତି ପ୍ରମୁଖ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଆୟୋଜିତ ପ୍ରତ୍ୟେକ ସଂଧ୍ୟାରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ସମସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜନସାଧାରଣଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଅସୁରେଶ୍ୱର ଗୋ-ମଙ୍ଗଳ ସମିତି ପ୍ଲାଟିନମ ଜୁବୁଲୀ ସମାରୋହ କମିଟିର ସଭାପତି ତଥା ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଅନୁରୋଧ କରିଛନ୍ତି।

# ଅବହେଳିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ କେନ୍ଦୁଝର

କେନ୍ଦୁଝର(ପିଏନ) : 'ବିଦ୍ୟା ଦଦାତି ବିନିୟ' କେନ୍ଦୁଝର ଜିଲ୍ଲା ପ୍ରଶାସନର କ୍ରମାଗତ ଇଚ୍ଛାକୃତ ଅବହେଳାର ସ୍ୱାଭିମାନର ପ୍ରତୀକ ହେଉଛି ଉତର ଓଡିଶା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ କେନ୍ଦୁଝର ବାପଛେଉଣ୍ଡ ଶିଶୁଙ୍କ ଭଳି ପରିତ୍ୟକ୍ତ ଓ ଅବହେଳିତ ହୋଇ ପଡିରହିଛି ଏହି ଶିକ୍ଷାନୁଷ୍ଠାନ। କେନ୍ଦୁଝର ଭଳି ଆଦିବାସୀ ଅଧ୍ୟୁଷିତ ଏକ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ସ୍ଥାପନାର ସମସ୍ତ ଆନନ୍ଦ ଉଲ୍ଲାସ ସତେ ଯେମିତି ପ୍ରଶାସନିକ ଷଡଯନ୍ତ୍ରର ଶିକାର ହୋଇ କୋମା କୁ ଚାଲିଯାଇଛି। ବିଶ୍ୱବିଦ୍ୟାଳୟ ପାଇଁ ବିଭାଗୀୟ କୋଠା ନିର୍ମାଣ ଧୀର ମନ୍ଥର ଗତିରେ ଆଗେଇ ଚାଲିଥିବା ବେଳେ ବିଶ୍ୱବିଦ୍ୟାଳୟକୁ ଆପ୍ରୋଚ ରୋଡ ନିର୍ମାଣ କରାଯାଇନାହିଁ। ସ୍ଥାନୀୟ ପି.ଡବ୍ଲୁ.ଡି. କୁ ଏହାର ନିର୍ମାଣ ଦାୟୀତ୍ୱ ଦିଆଯାଇଥିଲେ ମଧ୍ୟ ନିର୍ମାଣ ବିଭାଗ ଅଧିକାରୀଙ୍କ ଅବହେଳା ଓ ଦାୟୀତ୍ୱହୀନତା ଯୋଗୁ ଆଜିପର୍ଯ୍ୟନ୍ତ ଉକ୍ତ ସଡକ ନିର୍ମାଣ କରାଯାଇନାହିଁ। ସଂସ୍କୃତି, ଇରାଜୀ, ଓଡିଆ, ଭୁଗୋଳ, ଓ ମେଟେରିଆଲ ମାଇନ୍ସ ବିଭାଗ ପାଇଁ ଥିବା ୭ଜଣ ପ୍ରଫେସରଙ୍କ ମଧ୍ୟରୁ ପାଂଚଜଣ ରେଗୁଲାର ହୋଇଥିବା ବେଳେ ଅନ୍ୟମାନେ କଂଟ୍ରାଚ୍ୟୁଆଲ ବୋଲି ଜଣାପଡିଛି। ଜମି ଅଧିଗ୍ରହଣ କୁ ନେଇ କେତେକ ସମସ୍ୟା ରହିଥିବାବେଳେ କିଛି ଅସାଧୁ ବ୍ୟକ୍ତି ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକର ସାମନା ଜାଗାକୁ ଖୋଳିଦେଇଥିବାରୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱବିଦ୍ୟାଳୟରେ ଏବେ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ବିଭିନ୍ନ ସମସ୍ୟା ଥିବାରୁ ଆଧାପନ କାର୍ଯ୍ୟ ସନ୍ତୋଷଜନକ ହୋଇପାରୁନାହିଁ ବୋଲି ଅନେକ ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଏଥିସହିତ ଓଡିଶା ୟୁନିର୍ଭରସିଟିର ବାରିପଦା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ମଧ୍ୟ ମିଳୁନାହିଁ ବୋଲି ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟଟି ନିଛାଟିଆ ସ୍ଥାନରେ ଥିବାରୁ କେତେକ ଅସାମାଜିକ ବ୍ୟକ୍ତିମାନେ ଏହାକୁ ନିଜର ଅଡ୍ଡାସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି। କେନ୍ଦୁଝର ଜିଲ୍ଲାପାଇଁ ଉକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନା ଗର୍ବ ଓ ଗୌରବ ର ପ୍ରତୀକ ହୋଇଥିବାବେଳେ ଜିଲ୍ଲା ପ୍ରଶାସନ ଏହି ପ୍ରସଙ୍ଗକୁ ଯଥେଷ୍ଟ ଗୁରୁତ୍ୱ ନଦେବା ଚିନ୍ତାର ବିଷୟ। କଲେଜ ପାଇଁ ଖେଳପଡିଆ, କର୍ମଚାରୀଙ୍କ ପାଇ କ୍ୱାଟର, ବିଜ୍ଞାନଗାର ଭଳି ଅତ୍ୟାବଶ୍ୟକ ମୌଳିକ ସୁବିଧାର ଅଭାବ ଏବେ ମଧ୍ୟ ପୁରଣ ହୋଇପାରିନାହିଁ। ଏ ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ସ୍ଥାପନାର ଲକ୍ଷ ଓ ଉଦ୍ଦେଶ୍ୟ ପୁରଣ ହେବା ହେବା ସନ୍ଦେହ ଦେଖାଦେଇଛି। ଏଥି ନିମନ୍ତେ କେନ୍ଦୁଝର ଜିଲ୍ଲାର ବୁଦ୍ଧିଜୀବି ମହଲ ଓ ଜନସାଧାରଣ ସଚେତନ ଓ କ୍ରୀୟାଶୀଳ ହେବା ଉଚିତ୍।

## ମହମ୍ମଦ ଅଲ୍ଲୀ ଯୌହାର

**ସବୀର୍ ଖାନ୍**

ମହମ୍ମଦ ଅଲ୍ଲୀ ଯୌହାର ହେଉଛନ୍ତି ଭାରତର ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରୁ ଅନ୍ୟତମ। ଏହାଛଡ଼ା ଜଣେ ବିଶିଷ୍ଟ ସମାଜସେବୀ, ଲେଖକ, ସୁବକ୍ତା ତଥା ଜଣେ କୁଶଳୀ ରାଜନୀତିଜ୍ଞ ମଧ୍ୟ। ସେ ବ୍ରିଟିଶ୍ ରାଜୁତି ସମୟ ୧୮୭୮ ମସିହାରେ ଉତ୍ତରପ୍ରଦେଶରେ ଜନ୍ମ ଗ୍ରହଣ କରିଥିଲେ। ଖୁବ୍ ଅଳ୍ପ ବୟସରେ ପିତାଙ୍କ ନିଧନ ପରେ ମହମ୍ମଦ ଅଲ୍ଲୀ ଓ ତାଙ୍କ ଅନ୍ୟ ଦୁଇ ଭାଇ ଶୌକାତ୍ ଅଲ୍ଲୀ ଏବଂ ଜୁଲଫିକର ଅଲ୍ଲୀ ମାତା ଆବାଦି ବାନୋ ବେଗମ୍‌ଙ୍କ ଦ୍ୱାରା ପାଳିତ ହୋଇଥିଲେ।

ମହମ୍ମଦ ଅଲ୍ଲୀ ନିଜ ପ୍ରଚେଷ୍ଟା ବଳରେ ସେ ଆହ୍ଲାବାଦ୍ ୟୁନିର୍ଭସିଟିରୁ ପ୍ରଥମ ଶ୍ରେଣୀରେ ସ୍ନାତକତା ଉତ୍ତୀର୍ଣ୍ଣ ହେଲା ପରେ ଅକ୍ସଫୋର୍ଡ଼ ଲିଙ୍କନ୍ କଲେଜ୍‌ରେ ପଢ଼ିବାକୁ ମଧ୍ୟ ସୁଯୋଗ ପାଇଥିଲେ। ଭାରତ ପ୍ରତ୍ୟାବର୍ତ୍ତନ ପରେ ସେ ରାମପୁରର ଶିକ୍ଷା ନିର୍ଦ୍ଦେଶକ ଭାବେ ଯୋଗ ଦେଲେ ଏବଂ ପରେ ବାରୋଦା ସିଭିଲି ସର୍ଭିସ୍‌ରେ କାର୍ଯ୍ୟରତ ଥିଲେ। ଏହି ସମୟରେ ଜଣେ କୁଶଳୀ ଲେଖକ ଭାବେ ସେ 'ଦ ଟାଇମର୍ସ', 'ଦ ଅବଜାଭର', 'ଦ ମଞ୍ଚେଷ୍ଟାର ଗାର୍ଡ଼ିଅନ୍' ଭଳି ଅନେକ ଇଂରାଜୀ ଏବଂ ଭାରତୀୟ ଖବରକାଜଗରେ ଇଂରାଜୀ ଏବଂ ଉର୍ଦ୍ଦୁରେ ନିଜର ଲେଖାମାନ ପ୍ରକାଶ କରୁଥିଲେ। ୧୯୧୧ ଜାନୁୟାରୀ ୧୪ ତାରିଖରେ ଇଂରାଜୀ ସାପ୍ତାହିକ ଖବରକାଗଜ 'The Comrade'ର ସମ୍ପାଦନା କରିବା ସହ ୧୯୧୩ରେ ଏକ ଦୈନିକ ଉର୍ଦ୍ଦୁ ଖବରକାଗଜ 'ହମଦର୍ଦ'ର ମଧ୍ୟ ପ୍ରକାଶନା କରିଥିଲେ।

ତାଙ୍କ ଲେଖନୀର ସୃଜନଶୀଳତାକୁ ଅନେକ ପସନ୍ଦ କରୁଥିଲେ ଏବଂ ଏହା ମାଧ୍ୟମରେ ସେ ଦେଶ ମଧ୍ୟରେ ଦେଶାତ୍ମବୋଧକତା, ହିନ୍ଦୁ ଓ ମୁସ୍‌ଲିମ୍ ମାନଙ୍କ ମଧ୍ୟରେ ଭାଇଚାରା ବୀଜ ବୁଣିବା ସହ ଇଂରେଜ ଶାସନ ବିରୁଦ୍ଧରେ ଏକଜୁଟ୍ ହୋଇ ତାଙ୍କୁ କଡ଼ା ଜବାବ୍ ଦେବାକୁ ଆହ୍ୱାନ ଦେଉଥିଲେ।

ଏହା ସହିତ ଅଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ପାଇଁ ବହୁ ପ୍ରୟାସ କରିଥିଲେ ଯାହା ପରବର୍ତ୍ତୀ ସମୟରେ ମହମ୍ମଦ ଆଙ୍ଗଲୋରେ ଗଠିତ ଜମିଆ, ମିଲିଆ ଇସ୍‌ଲାମିଆ କଲେଜ୍‌ର ସହ-ସମ୍ପାଦକ ମଧ୍ୟ ଥିଲେ।

ଯୌହାର ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ଲିଗ୍‌ର ଜଣେ ସ୍ଥାୟୀ ସଦସ୍ୟ ଭାବେ ୧୯୦୬ ଢାକାରେ ହୋଇଥିବା ପ୍ରଥମ ସଭାରେ ଯୋଗଦେଇଥିଲେ ଏବଂ ୧୯୧୮-୧୯୨୮ ପର୍ଯ୍ୟନ୍ତ ଏହାର କ୍ରୁକ୍‌ବରଷ୍ଣସୟରଭଙ୍ଗ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଏହା ସହିତ ଜଣେ ସଚ୍ଚା ମୁସ୍‌ଲିମ୍ ଭାବେ ଭାରତର ୧୯୨୧ ମସିହାରେ ହୋଇଥିବା ଖିଲାଫତ୍ ଆନ୍ଦୋଳନରେ ମଧ୍ୟ ଯୋଗଦେଇଥିଲେ। ଯେଉଁଥିରେ କି ଅନ୍ୟ ସ୍ୱାଧିନତା ସଂଗ୍ରାମୀ-ମୌଲାନା ଶୌକାତ୍ ଅଲ୍ଲୀ, ହାକିମ୍ ଆଜମଲ୍ ଖାନ୍, ମୁଖତାର ଅହମ୍ମଦ, ଭାରତୀୟ ଜାତୀୟ କଂଗ୍ରେସ ମହାତ୍ମାଗାନ୍ଧୀ ଓ ଅନେକ ହିନ୍ଦୁ ଭାଇଭଉଣୀ ମାନେ ଏହି ମୁସ୍‌ଲିମ୍ ଆନ୍ଦୋଳନରେ ସାମିଲ ହେବାକୁ ଆଗେଇ ଆସିଥିଲେ। ଏହା ସହିତ ମହମ୍ମଦ ଅଲ୍ଲୀ ଯୌହାର ୧୯୨୩ରେ ଭାରତୀୟ ଜାତୀୟ କଂଗ୍ରେସର କ୍ଷଷ୍ଟତମ president ଭାବେ ମଧ୍ୟ କାର୍ଯ୍ୟ କରିଥିଲେ।

**କେନ୍ଦ୍ରାପଡ଼ା**




ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Bhubaneswar Saturday December 14 ଭୁବନେଶ୍ୱର ଶନିବାର, ଡିସେମ୍ବର ୧୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲ ଭୁବନେଶ୍ୱରରେ ଓଟିଏପି ଅନୁଷ୍ଠିତ



ଭୁବନେଶ୍ୱର: ଓଡ଼ିଶା ଟ୍ୟାଲେଂଟ ଆଡପସନ ପ୍ରୋଗ୍ରାମ (ଓଟିଏପି) ପାଇଁ ବୈଜ୍ଞାନିକ ପରୀକ୍ଷା ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି ଯେଉଁଥିରେ ୧୨୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ସୁଟିଂ (ବନ୍ଧୁକ ଚାଳନା) ପ୍ରତିଭା ଅନୁସନ୍ଧାନ କରିବା ଲାଗି ଓଟିଏପି ଆୟୋଜନ କରାଯାଉଛି ଯେଉଁମାନଙ୍କୁ ବିର୍ଲା ଗଗନ ନାରଙ୍ଗ ହାଇ ପରଫରମାନସ ସେଂଟରରେ ପେସାଦାର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଗଗନ ନାରଙ୍ଗ ସ୍ପୋର୍ଟସ ଫାଉଣ୍ଡେସନ ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗରେ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ସହରରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଚୟନ ଶିବିରରେ ଆଦିତ୍ୟ ବିର୍ଲା ଗ୍ରୁପ ତରଫରୁ ଶ୍ରୀଯୁକ୍ତ ଅଭିଳାଷ ମଲ୍ଲିକ ଓ ଗଗନ ନାରଙ୍ଗ ଫାଉଣ୍ଡେସନର ଶ୍ରୀଯୁକ୍ତ ପ୍ରଶା‘ ଜେନ ଓ ଏବିପିଏସ ଭୁବନେଶ୍ୱରର ପ୍ରିନସିପାଲ ଡକ୍ଟର ନିରୂପମ କପୁର ଉପସ୍ଥିତ ଥିଲେ। ୧୧-୧୪ ବର୍ଷ ବୟସ ବର୍ଗର ପିଲାମାନଙ୍କ ମଧ୍ୟରୁ ସୁଟିଂ (ବନ୍ଧୁକ ଚାଳନା) କ୍ରୀଡ଼ା ପାଇଁ ପ୍ରାକୃତିକ ପ୍ରତିଭା ସଂପନ୍ନ ପିଲା ଖୋଜିବା ଲାଗି ବିଭିନ୍ନ ବୋଧଶକ୍ତି ଏବଂ ଶାରିରୀକ ପରୀକ୍ଷା କରାଯାଇଥିଲା। ଏହି ପରୀକ୍ଷାରେ ସାମିଲ ଥିଲା ବିଏମଆଇ, ଆଖି କୋଅର୍ଡିନେସନ, ମାଂସପେଶୀ ଦୃଢ଼ତା, ଆଙ୍ଗୁଠି ପଟୁତା, ଆଙ୍ଗୁଠି ଚାଳନା ସମୟ, ଆଡାପଟିଭ ମାଟ୍ରିସେସ ପରୀକ୍ଷା, ଡିଟିକେଆଇ-ପ୍ରତିକ୍ରିୟାଶୀଳ ଚାପ ସହନଶୀଳତା ଓ ଦୁଇ ହାତର ସମନ୍ୱୟ ପରୀକ୍ଷା। ଭୁବନେଶ୍ୱରର ବିଭିନ୍ନ ସ୍କୁଲର ମୋଟ ୪୦୦୦ ପିଲା ଓଟିଏପିରେ ପ୍ରତିଭା ଚିହ୍ନଟ ପରୀକ୍ଷାରେ ସାମିଲ ହେବେ ଏବଂ ମୋଟ ୨୦୦ ପିଲାଙ୍କୁ ଚୟନ କରାଯିବ, ଯେଉଁମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ନୂତନ ଭାବେ ସ୍ଥାପନ କରାଯାଇଥିଲା ୧୦ ମିଟର ସୁଟିଂ ରେଂଜରେ ସମ୍ପୂର୍ଣ୍ଣ ପାଣ୍ଠି ସହଯୋଗରେ ପ୍ରଶିକ୍ଷଣ ଦେଇ ୨୦୨୦ରେ ରାଜ୍ୟ ଓ ଜାତୀୟ ସ୍ତରର ପ୍ରତିଯୋଗିତା ଲାଗି ପ୍ରସ୍ତୁତ କରାଯିବ। ଏହି କାର୍ଯ୍ୟକ୍ରମର ଦର୍ଶନ ହେଉଛି 'ଯୁବାବସ୍ଥାରୁ ଚିହ୍ନଟ କରିବା' ଯେଉଁଥିରେ ଯୁବ ଓ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଅଲମ୍ପିକ କ୍ରୀଡ଼ା ବନ୍ଧୁକ ଚାଳନା କ୍ରୀଡ଼ାରେ ପେସାଦାର କ୍ରୀଡ଼ାବିତରେ ପରିଣତ କରାଯିବ।

## ଭଲ୍‌ଭୋ ଏକ୍ସସି୪୦ ଟି୪ ଆର-ଡିଜାଇନ କାର୍‌ର ଶୁଭାରମ୍ଭ

ଭୁବନେଶ୍ୱର : ଭଲ୍‌ଭୋ କାର୍‌ସ ପକ୍ଷରୁ କମ୍ପାକ୍ଟ ମଡ୍ୟୁଲାର ଆର୍କିଟେକ୍‌ଚର (ସିଏମ୍‌ଏ) ଆଧାରିତ ଏହାର ନୂଆ ପେଟ୍ରୋଲ ଭାରିଆଣ୍ଟ କାର୍ ଏକ୍ସସି୪୦ ଟି୪ ଆର୍-ଡିଜାଇନ୍ ଶୁଭାରମ୍ଭ କରାଯାଇଛି, ଯାହାର ଏକ୍ସଶୋ'ରୁମ ମୂଲ୍ୟ ୩୯.୯ ଲକ୍ଷ ଟଙ୍କା ରହିଛି। ଏହି ଏକ୍ସସି୪୦ ଟି୪ ଆର୍-ଡିଜାଇନ୍ କାର୍ ଲକ୍‌ଜରୀ ଏସ୍‌ୟୁଭି ଶ୍ରେଣୀରେ ପ୍ରବେଶରେ ପେଟ୍ରୋଲ କାର୍ ପାଇଁ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବ। ଥର୍'ର ସିଗ୍‌ନେଚର ହାମ୍‌ରକୁ ଦିଆଯାଇଥିବା ଏକ ନୂତନ ରୂପ, ସ୍ୱତନ୍ତ୍ର ଟେଲ୍-ଲ୍ୟାମ୍ପ କ୍ଲଷ୍ଟର ଓ ୨-ଟୋନ୍ କଲର୍‌ରେ ଥିବା ଏହାର ବାହ୍ୟକୁ ଏହି ଏସ୍‌ୟୁଭିର ଲୁକ୍‌କୁ ସ୍ୱତନ୍ତ୍ର ଓ ଆକର୍ଷଣୀୟ କରୁଛି। ଏହାର ଆଭ୍ୟ'ରରେ ଆଲୁମିନିୟମ ଟ୍ରିମ୍ ସହ ବ୍ଲାକ୍‌ଲେଦର ରହିବା ସହ ଏହାର କ୍ୟାବିନ୍‌କୁ ବିଭିନ୍ନ ମ୍ୟାଟେରିଆଲର ଏକ ମିଶ୍ରଣ ଏକ ସ୍ୱତନ୍ତ୍ର ଅନୁଭବ ପ୍ରଦାନ କରୁଛି। ଭଲ୍‌ଭୋ କାର୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଚାର୍ଲସ୍ ଫ୍ରମ୍ପଙ୍କ କହିବା ଅନୁସାରେ, ଏହି ଏକ୍ସସି୪୦ ଟି୪ ଆର୍-ଡିଜାଇନ୍ ହେଉଛି କମ୍ପାନୀର ଏଣ୍ଟ୍ରି-ଲେଭେଲ୍ ଲକ୍‌ଜରୀ ଏସ୍‌ୟୁଭି ଶ୍ରେଣୀର ପ୍ରଥମ ପେଟ୍ରୋଲକାର୍।

## ଜଟଣୀ ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ : ୬ ବିଭାଗର ୩୧୨ଟି ପ୍ରକଳ୍ପ ପ୍ରଦର୍ଶିତ

ଜଟଣୀ: ସ୍ଥାନୀୟ ବାଛରା ଅଂଚଳ ଶୁଶିଳାଦେବୀ ପ୍ରଗତି ବିଦ୍ୟାପୀଠ ପରିସରରେ ଜଟଣୀ ବ୍ଲକ୍ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୦୮ଟି ସରକାରୀ ବିଦ୍ୟାଳୟ ଏବଂ ୫୪ଟି ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଉକ୍ତ ପ୍ରଦର୍ଶନୀରେ ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀର ମୋଟ୍ ୩୧୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସେଥିମଧ୍ୟରୁ ୬ଟି ବିଭାଗର ଗଣିତ ଭିତିକ ଶିକ୍ଷା କ୍ରୀଡ଼ା, ଶିଳ୍ପ ବିକାଶ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ସମ୍ବଳ ପରିଚାଳନା, ଦୀର୍ଘସ୍ଥାୟୀ କୃଷି ସମ୍ପାଦନା ଏବଂ ଭବିଷ୍ୟତ ଗମନାଗମନ ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭୃତିରେ କ୍ରମାନ୍ୱୟରେ ଦେବସ୍ମିତା ମହାନ୍ତି, ସୁବ୍ରତ ପଟ୍ଟନାୟକ, ଜ୍ଞାନଜ୍ୟୋତି ନାୟକ, ଗୌତମ ଦାସ, ମନ୍ମଥ ମହାନ୍ତି ଓ ରମେଶଚନ୍ଦ୍ର ମୁଦୁଲି ପ୍ରମୁଖ ସମସ୍ତ ଅଂଶଗ୍ରହଣକାରୀ ମାନେ ଜିଲ୍ଲାସ୍ତରକୁ ନିଜର ପ୍ରକଳ୍ପ ନେଇ ଯିବାପାଇଁ ମନୋନୀତ ହୋଇଛନ୍ତି । ଏହି ପ୍ରଦର୍ଶନୀର ଉଦ୍ଘାଟନ ଓ ଉଦଯାପନ କାର୍ଯ୍ୟକ୍ରମରେ ଅତିଥିଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସୁଦେବ ମାହାରୀ, ଗୋଷ୍ଠୀ ଶିକ୍ଷାଧିକାରୀ ରମେଶଚନ୍ଦ୍ର ଖଟେଇ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରେମାନନ୍ଦ ମହାନ୍ତି, ମଦନ ମୋହନ ଭୂଇଁୟା, ଓଇସିର ପ୍ରଫେସର ଡ. ଶୁଭେନ୍ଦୁ କୁମାର ପାଣି ଏବଂ ରାଜେନ୍ଦ୍ର ପ୍ରସାଦ ନାୟକ ଅତିଥିଭାବେ ଯୋଗ ଦେଇଥିଲେ।

# ଆଇସିସି ଓଡ଼ିଶା ପରିଷଦର ନୂତନ 'ଆଇସିସି ମହିଳା ଉଦ୍ୟମିତା କମିଟି'ର ଶୁଭାରମ୍ଭ




ଭୁବନେଶ୍ୱର: ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶା ରାଜ୍ୟ ପରିଷଦର ନୂଆ ମହିଳାଙ୍କ ଉଦ୍ୟମିତା କମିଟିର (ଆଇଡବ୍ଲୁଇସି)ର ଶୁଭାରମ୍ଭ ବିଷୟରେ ଆଜି ହୋଟେଲ୍ ମେ' ଫେୟାରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହା ହେଉଛି କୌଣସି ଶିଳ୍ପ ସଂଘରେ ଦେଶରେ ପ୍ରଥମ ଥରର କେବଳ ମହିଳା ସ୍ୱତନ୍ତ୍ର କମିଟି। ରାଜ୍ୟର ମହିଳା ଉଦ୍ୟୋଗୀଙ୍କ ରହିଥିବା ସମସ୍ୟାର ସମାଧାନ କରିବା ଲକ୍ଷ୍ୟ ନେଇ ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଏହି କମିଟି ଗଠନ କରାଯାଇଛି। ଜାତୀୟ ସ୍ତରର ରହିଥିବା ପ୍ରସଙ୍ଗ ଉପରେ ଏହି କମିଟି ନିୟମିତ ବିଚାରବିମର୍ଶ କରିବା ସହିତ ସରକାର ଓ ଶିଳ୍ପ ସହିତ ନିବିଡ଼ ସମ୍ପର୍କ ରଖିବା ଦିଗରେ କାର୍ଯ୍ୟ କରିବ। ଏହି କମିଟିର ମୂଳ ଲକ୍ଷ୍ୟ ହେଉଛି ସଶକ୍ତୀକରଣ, ଶିକ୍ଷା, କୌଶଳ ବିକାଶ, ନିଯୁକ୍ତି, ଉଦ୍ୟମିତା ଓ ବ୍ୟବସାୟ ବିକାଶ।ଏହି ଅବସରରେ ଆଇସିସି ପକ୍ଷରୁ ଘୋଷଣା କରାଯାଇଛି ଯେ ଆସ‘। ୨୦୨୦ ଜାନୁଆରି ୧୧ରେ ଭୁବନେଶ୍ୱରରେ ମହିଳା ଲିଡରସିପ୍ ସମ୍ମିଳନୀ ଆୟୋଜନ କରାଯିବ। ହୋଟେଲ ମେ' ଫେୟାର କନ୍‌ଭେନ୍‌ସନ୍‌ରେ ଏହାକୁ ଆୟୋଜନ କରାଯିବ ଯେଉଁଥିରେ ଜାତୀୟ ସ୍ତରର ବିଶିଷ୍ଟ ବକ୍ତାମାନେ ଯୋଗ ଦେବେ। ଆଇସିସିର ମହିଳାଙ୍କ ଉଦ୍ୟମିତା କମିଟିର ସମସ୍ତ ୪୦ ଜଣ ସଦସ୍ୟଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ଏହା ବ୍ୟତୀତ ମୁଖ୍ୟ ଅତିଥିଙ୍କ ସହିତ ସମ୍ମୁଖ ବାର୍ତାଳାପ, ବିଜନେସ ନେଟୱର୍କିଂ ଅଧିବେଶନ ଆଦି ଆୟୋଜନ କରାଯିବ। ସେହିଦିନ ଆଇସିସି ମହିଳା ଉଦ୍ୟମିତା କମିଟିର ଆନୁଷ୍ଠାନିକ ଉଦଘାଟନ କରାଯିବ।ବ୍ଲୁଜମ କୋଚର ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶିକା ସମ‘। କୋଚର ଏଥିରେ ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ବିଉଟି ଇ ସ୍ପେସ୍ ମିଡିଆ ପ୍ରାଇଭେଟ୍ ଲିମିଟେଡର ମୁଖ୍ୟ ସଂପାଦିକା ରିତୁ ଝା, ବଲିଉଡ୍ ଅଭିନେତ୍ରୀ ମୁଗଧା ଗୋଡସେ ଓ ଭାରତୀୟ ବାୟୁ ସେନାର ଗ୍ରୁପ କ୍ୟାପଟେନ ମଧ୍ୟ ଯୋଗ ଦେବେ।ଆଇସିସି ମହିଳାଙ୍କ ଉଦ୍ୟମିତା କମିଟି ପକ୍ଷରୁ ଆଗାମୀ ବର୍ଷଗୁଡ଼ିକରେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ମହିଳା ଉଦ୍ୟୋଗୀଙ୍କ ପାଇଁ ବିଜନେସ୍ ମେଳା ଆୟୋଜନ କରାଯିବ। ଏହା ବ୍ୟତୀତ ଅନେକ ଜାତୀୟ ଓ ଆ‘ର୍ଜାତିକ ସେମିନାର ମଧ୍ୟ ଆୟୋଜନ କରାଯିବ। ଏହି ଅବସରରେ ଆଇସିସି ଓଡ଼ିଶାର ସହ-ଅଧ୍ୟକ୍ଷ ଜେ ବି ପାଣି କହିଛନ୍ତି ଯେ, 'ମହିଳା ଉଦ୍ୟୋଗୀମାନେ ରାଜ୍ୟର ଅର୍ଥନୀତି ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରୁଛି।

# ଉମେନ ଅଫ୍ ଓଡିଶା ଓ ଗାନ୍ଧିଜୀ ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର : ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଇଂରାଜୀ ଦୈନିକ ଓଡିଶା ଟୁଡେ ର ଷୋଡଷ ବାର୍ଷିକୋତ୍ସବ ବହୁ ବରିଷ୍ଠ ସାମ୍ବାଦିକ , ଗଣମାଧ୍ୟମ ପ୍ରତିନିଧି ଏବଂ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଗତକାଲି ହୋଟେଲ କେଶରୀ ସଭାଗୃହରେ ପାଳିତ ହୋଇଅଛି। ଏହି ଉତ୍ସବରେ ପ୍ରାକ୍ତନ ଓଡିଶା ବିଧାନସଭା ଉପ ବାଚସ୍ପତି ତଥା ଓସାମ ବୋର୍ଡ ଉପଦେଷ୍ଟା ରାମ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଡକ୍ଟର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ, ଏବଂ ସମ୍ମାନୀତ ଅତିଥି ଓଡିଶା ରିଭ୍ୟୁ ଏବଂ ଉତ୍କଳ ପ୍ରସଙ୍ଗ ସଂପାଦକ ଡଃ ଲେନିନ୍ ମହାନ୍ତି , ଲୋକସଂପର୍କ ପରାମର୍ଶଦାତା ଡକ୍ଟର ଭି. ରାଜେନ୍ଦ୍ର ରାଜୁ ଏମଏସଏମ ଇ ବିଭାଗର ଯୁଗ୍ମ ସଚିବ ଇଂ ଶିବ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଏହି ଅବସରରେ ଡକ୍ଟର ଭି. ରାଜେନ୍ଦ୍ର ରାଜୁଙ୍କ ରଚିତ ଇଂରାଜୀ ପୁସ୍ତକ ଉମେନ୍ ଅଫ ଓଡିଶା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ କରାଗଲା। ଏହାର ଲେଖକ ଶ୍ରୀ ରାଜୁ ପୁସ୍ତକ ସଂପର୍କରେ ସୂଚନା ଦେଇ ଓଡିଶାର ମହିଳାମାନଙ୍କ ଲୋକସଂପର୍କ ନୀତି ଏବଂ ଗାନ୍ଧିଜୀଙ୍କ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବା ବେଳେ ପ୍ରଫେସର ଶତପଥୀ ତାଙ୍କ ଅଭିଭାଷଣରେ ପୁସ୍ତକର ସମୀକ୍ଷା ଆଳରେ ମହିଳାମାନଙ୍କ ଲୋକ ସଂପର୍କ ନୀତି ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ନାରୀମାନଙ୍କୁ ଏକ ଦିବ୍ୟଶକ୍ତିର ଅଧିକାରିଣୀ ବୋଲି ସେ ବ୍ୟାଖ୍ୟା କରିଥିଲେ। ପ୍ରାରମ୍ଭରେ ଓଡିଶା ଟୁଡେର ପ୍ରତିଷ୍ଠାତା ଏବଂ ସଂପାଦକ ଅବିନାଶ ମିଶ୍ର ବାର୍ଷିକ ବିବରଣୀ ପାଠକରିବା ସହିତ ୧୫ ବର୍ଷର ଲମ୍ବା ଯାତ୍ରାରୁ ମିଳିଥିବା ତିକ୍ତ ଅନୁଭବକୁ ବର୍ଣ୍ଣନାକରି ଏହା ତାଙ୍କର ସୁଖାନୁଭୁତି ବୋଲି କହନ୍ତି ଏବଂ ଯାହାକୁ ଆଧାର କରି ସେ ସଫଳତା ହାସଲ କରିବେ ବୋଲି ପ୍ରକାଶ କରିଛନ୍ତି। ଅଧୁନା ସମ୍ବାଦପତ୍ର ଜଗତର ନିଛକ ଚିତ୍ରକୁ ଡଃ ମହାନ୍ତି ଉପସ୍ଥାପନା କରି ମିଡିଆ ହାଉସମାନଙ୍କୁ ପରିବର୍ତନ ଧାରାରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା ସମ୍ବାଦପତ୍ରର ଆଭିମୁଖ୍ୟ ଏବଂ ସ୍ୱାଧୀନତା ଆନ୍ଦୋଳନରେ ଗାନ୍ଧିଜୀଙ୍କ ଭୂମିକା ଉପରେ ନିଜର ବକ୍ତବ୍ୟ ରଖି ଖବରକାଗଜ ପ୍ରକାଶ କରିବା କେତେ କଷ୍ଟକର ବ୍ୟାପାର କଥା ନିଜ ସାମ୍ବାଦିକତା ଜୀବନର ଅନୁଭୂତି ବଖାଣିଥିଲେ ଏବଂ ଓଡିଶା ଟୁଡେ ର ମଙ୍ଗଳ କାମନା କରି ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲା ବେଳେ ଶ୍ରୀ ମିଶ୍ରଙ୍କ ଉଦ୍ୟମକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଅବିନାଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୧୨ ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗାନ୍ଧୀଙ୍କ ସ୍ମୃତିରେ ଉନ୍ମୋଚିତ ପୁସ୍ତକର କପି ସମସ୍ତଙ୍କୁ ଭେଟି ଦିଆଯାଇଥିଲା। ଶେଷରେ ବିଶ୍ୱଜିତ ଜେନା ଧନ୍ୟବାଦ ଜଣାଇଥିଲେ ଏବଂ କାର୍ଯ୍ୟକ୍ରମକୁ ଓଡିଶା ଟୁଡେର ସହଯୋଗୀମାନେ ପରିଚାଳନା କରିବାରେ ସାହାର୍ଯ୍ୟ କରିଥିଲେ ବୋଲି ସଂପାଦକ ଅବିନାଶ ମିଶ୍ର ପ୍ରକାଶ କରିଛନ୍ତି।

# ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୧୩ତମ ସଂସ୍କରଣର ବିଜେତାମାନେ ସମ୍ମାନୀତ




ଭୁବନେଶ୍ୱର: ଆଜି ଭୁବନେଶ୍ୱରସ୍ଥିତ ପଠାଣୀ ସାମ‘ ପ୍ଲାନେଟୋରିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) ୨୦୧୯-୨୦ର ୧୩ତମ ସଂସ୍କରଣର ଶ୍ରେଷ୍ଠ ୨୦ ଜଣ ବିଜେତାଙ୍କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସମ୍ମାନୀତ କରିଛନ୍ତି। ଜ୍ୟୋତିର୍ବିଦ୍ ଓ ବୈଜ୍ଞାନିକ ହେବାକୁ ଅଭିଳାଷ ରଖିଥିବା ଏହି ବିଜେତା ଦଳ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଏକ ପ୍ରମୁଖ ସୁବିଧା ପରିଦର୍ଶନ କରିବା ଏବଂ ମହାକାଶ ବିଜ୍ଞାନର ବାସ୍ତବିକ ପ୍ରୟୋଗର ଅନୁଭୂତି ହାସଲ କରିବାର ସୁଯୋଗ ପାଇବେ। ୟାଟ୍‌ସ ୨୦୧୯-୨୦ରେ ସାରା ରାଜ୍ୟର ୩୦୦ ବିଦ୍ୟାଳୟର ମୋଟ ୬୨,୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ ଥିଲା 'ଅନରାଭେଲିଂ ଦି ୱାଣ୍ଡର୍ସ ଅଫ ୟୁନିଭର୍ସ' (ବ୍ରହ୍ମାଣ୍ଡର ଚମତ୍କାରକୁ ଉଜାଗର କରିବା)। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି, ସାଧାରଣ ଶିକ୍ଷା, ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ସଚିବ ତଥା ପଠାଣୀ ସାମ‘ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରସିଦ ଖାନ, ଟାଟା ଷ୍ଟିଲର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ ଓ ଟାଟା ଷ୍ଟିଲ କର୍ପୋରେଟ ସେବା ବିଭାଗର ଉପ-ସଭାପତି ଶ୍ରୀଯୁକ୍ତ ଚାଣକ୍ୟ ଚୌଧାରୀ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ କହିଲେ ଯେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ(ୟାଟ୍‌ସ), ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ପିଲାମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ ପ୍ରତିପାଦିତ ହୋଇପାରିଛି। ଏହା ଦେଶର ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନର ଗବେଷଣା ଓ ବିକାଶ କ୍ଷେତ୍ରରେ ସହାୟକ ହେବ।ଉକ୍ତ ଅବସରରେ ୟାଟସର ୧୩ତମ ସଂସ୍କରଣର ବିଜେତା ଓ ଅଂଶଗ୍ରହଣକାରୀମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀଯୁକ୍ତ ଟି ଭି ନରେନ୍ଦ୍ରନ, ସିଇଓ ଓ ଏମଡି, ଟାଟା ଷ୍ଟିଲ କହିଥିଲେ ଯେ, 'ଏକ ଉନ୍ନତ ଭବିଷ୍ୟତ ଗଠନ ଲାଗି ଆମର ପ୍ରତିବଦ୍ଧତାର ସ୍ୱୀକୃତି ହେଉଛି ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ)। ଜ୍ୟୋତିର୍ ବିଦ୍ୟା ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ଆମ ଦେଶ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି। ଯୁବ ପିଢ଼ିଙ୍କୁ ପ୍ରଯୁକ୍ତି ଓ ଉଦ୍‌ଭାବନ କ୍ଷେତ୍ରରେ ନିଜର ଆଗ୍ରହ ଓ ଜ୍ଞାନକୁ ବଢାଇବା ଲାଗି ଉତ୍ସାହିତ କରିବା ଦିଗରେ ହେଉଛି ଏକ ଉଦ୍ୟମ। ଆସ‘। ବର୍ଷଗୁଡ଼ିକରେ ଟାଟା ଷ୍ଟିଲ ଏହି ଅଭିଯାନକୁ ଆହୁରି ଆଗକୁ ନେବାକୁ ପ୍ରତିବଦ୍ଧ। ମୁଁ ସମସ୍ତ ବିଜେତା ଓ ଅଂଶଗ୍ରହଣକାରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରୁଛି।'ବିଶିଷ୍ଟ ଗବେଷକ, ବୈଜ୍ଞାନିକ ତଥା ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ ଓ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ ଏଜୁକେସନ ଆଣ୍ଡ ରିସର୍ଚ (ନାଇଜର)ର ନିର୍ଦ୍ଦେଶକ ଡକ୍ଟର ସୁଧାକର ପଣ୍ଡାଙ୍କୁ ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଆଜି ଆୟୋଜିତ ଏକ ମତ ବିନିମୟ ଅଧିବେଶନରେ ଶ୍ରୀଯୁକ୍ତ ପଣ୍ଡା ୟାଟସର ବିଜେତାଙ୍କୁ ଉଦବୋଧନ ଦେଇଥିଲେ। ୟାଟସ୍ ହେଉଛି ରାଜ୍ୟର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଟାଟା ଷ୍ଟିଲ୍ ତରଫରୁ କାର୍ଯ୍ୟକାରୀ ହେଉଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯାହାକୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ପଠାଣୀ ସାମ‘ ପ୍ଲାନେଟାରିୟମ୍ ସହଯୋଗରେ ଆୟୋଜନ କରାଯାଉଛି। ଜ୍ୟୋତିର୍ବିଜ୍ଞାନ ଓ ମହାକାଶ ବିଜ୍ଞାନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟି କରିବା ସହିତ ବୈଜ୍ଞାନିକ ଓ ମହାକାଶଚାରୀ ହେବା ପାଇଁ ଯୁବ ମସ୍ତିଷ୍କଗୁଡ଼ିକୁ ଉତ୍ସାହିତ କରିବା ହେଉଛି ଏହାର ଲକ୍ଷ୍ୟ। ଏହା ରାଜ୍ୟର ଗ୍ରାମାଚଂଳ ଓ ଦୁର୍ଗମ ଅଂଚଳର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଓ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଆଗକୁ ଆସିବା ପାଇଁ ସୁଯୋଗ ପ୍ରଦାନ କରୁଛି।

## ରୟାଲ୍ ଷ୍ଟାଗ୍ ବାରେଲ୍ ପକ୍ଷରୁ କ୍ଷୁଦ୍ର ଚଳଚ୍ଚିତ୍ର ନିବେଦିତ 'ସେପିଆ' ପ୍ରସ୍ତୁତ

ଭୁବନେଶ୍ୱର : ଆଧୁନିକ ପ୍ରେମ ଓ ଜଟିଳ ଦୁନିଆକୁ ଉପସ୍ଥାପନ କରି ରୟାଲ୍ ଷ୍ଟାଗ୍ ବାରେଲ୍ ଲାର୍ଜ ସର୍ଟ ଫିଲ୍ମସ ପ୍ରସ୍ତୁତ କରିଛି କ୍ଷୁଦ୍ର ଚଳଚ୍ଚିତ୍ର 'ସେପିଆ'। ଏହି ଚଳଚିତ୍ରରେ ଯାତ୍ରା କଳାକାର ରୁ ନିର୍ଦ୍ଦେଶକ ଅର୍ଚ୍ଚିତ କୁମାରଙ୍କ ନିର୍ଦ୍ଦେଶନାରେ ମୁଖ୍ୟ ଭୂମିକାରେ ଅବତିର୍ଣ୍ଣ ହୋଇଛନ୍ତି ବହୁମୁଖୀ ଅଭିନେତା ଅପାରଶକ୍ତି ଖୁରାନା ଏବଂ ପ୍ରତିଭାଶାଳୀ ସପନା ପବି ।ଚଳଚ୍ଚିତ୍ର ର କାହାଣୀ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଥିବା ଏକ ଆଧୁନିକ ଯୋଡି ସମ୍ବନ୍ଧରେ ଯିଏ ମୁମ୍ବାଇକୁ ନିଜର ସ୍ୱପ୍ନ ସାକାର କରିବା ପାଇଁ ଚାଲି ଆସିଛନ୍ତି । ଚଳଚ୍ଚିତ୍ର ରେ ହିରୋ ଏକ ସଂଘର୍ଷରତ କଳାକାର ହୋଇଥିବା ବେଳେ ହିରୋଇନ ନାରୀ ଶଶକ୍ତିକରଣ ଉପରେ ଡିଜିଟାଲ ମାଗାଜିନ ଚଳାଉଥିବା ଏକ ସଙ୍କୋଚ ସାମ୍ବାଦିକ। କାହାଣୀରେ ଏହି ଦୁଇଟି ସରଳ ମଣିଷ ମଧ୍ୟରେ ପ୍ରେମର ଆଧୁନିକ ସ୍ୱିକାର୍ଯତା ଏବଂ ବାସ୍ତବିକାତା କୁ ପରିବେଷଣ କରାଯାଉଛି। ଚଳଚ୍ଚିତ୍ର ସମ୍ବନ୍ଧରେ ସୁଚନା ଦେଇ ନିର୍ଦ୍ଦେଶକ ଅର୍ଚ୍ଚିତ କୁମାର କହିଛନ୍ତି, 'ଆଜିର ଦର୍ଶକ ମାନଙ୍କ ରୁଚିକୁ ନେଇ 'ସେପିଆ' ଏକ ସରଳ ଚଳଚ୍ଚିତ୍ର । ମୋର ବିଶ୍ୱାସ ଯେ ପ୍ରତ୍ୟେକ ଚଳଚ୍ଚିତ୍ର କୁ ଫିଚର ଫର୍ମାଟ ରେ ବନାଯାଏ ନାହିଁ । ଚଳଚ୍ଚିତ୍ର ର ସମୟ ସୀମା କୁ ବାଦ ଦେଲେ କ୍ଷୁଦ୍ର ଚଳଚ୍ଚିତ୍ର ରେ ସମାନ ଦକ୍ଷତା ଓ ପ୍ରୟାସର ଆବଶ୍ୟକତା ପଡିଥାଏ । ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ରେ ଯେଉଁଥିରେ ଦର୍ଶକ ମାନେ ପ୍ରଭାବଶାଳୀ ଓ ଲଘୁ ଚଳଚ୍ଚିତ୍ର ଦେଖିବା ପାଇଁ ଆସିଥାନ୍ତି ସେଥିରେ ଏହା ପ୍ରଦର୍ଶନ ହେଉଥିବାରୁ ମୁଁ ଆନନ୍ଦିତ।'ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମ ର ସ୍ଥାପନା ଦିନରୁ ହିଁ ଏହି ମଂଚରୁ ଚଳଚ୍ଚିତ୍ର ଦୁନିଆର ଖ୍ୟାତନାମା କଳାକାର ଓ ନିର୍ଦ୍ଦେଶକ ମାନଙ୍କୁ ନେଇ ବହୁତ ପୁରସ୍କାର ବିଜେତା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି । ଏହା ବାସ୍ତବରେ ମୌଳିକତା, କଳ୍ପନା ଓ ପୂର୍ଣ୍ଣତା ଦର୍ଶାଉଛି । ଏହି ମଂଚ ନିର୍ଦ୍ଦେଶକ ଓ ଅଭିନେତା ମାନଙ୍କୁ ୧୫-୨୦ ମିନିଟର ଏକ କାହାଣୀ କୁ ଉପସ୍ଥାପନ କରିବା ପାଇଁ ସୁଯୋଗ ଦେଉଅଛି ।

# ଆମୱେ ଏହାର ନ୍ୟୁଟ୍ରାଲାଇଟ ଟ୍ରାଡିସନାଲ ହର୍ବ ବର୍ଗକୁ ସୁଦୃଢ଼ କରିଛି

ଭୁବନେଶ୍ୱର: ଦେଶର ଅନ୍ୟତମ ଅଗ୍ରଣୀ ପ୍ରତ୍ୟକ୍ଷ ବିକ୍ରି ଏଫଏମସିଜି କଂପାନି ଆମୱେ ଇଣ୍ଡିଆ ଏହାର ଲୋକପ୍ରିୟ ନ୍ୟୁଟ୍ରିଲାଇଟ ଟ୍ରାଡିସନାଲ ହର୍ବସ ବର୍ଗକୁ ସଂପ୍ରସାରିତ କରି ନ୍ୟୁଟ୍ରିଲାଇଟ ମଧୁନାଶିନୀ, ଶୁଁ୍ବକ ଓ ନ୍ୟୁଟ୍ରିଲାଇଟ ଭାସକ, ମୁଲେଠି ଓ ସୁରସାକୁ ଉନ୍ମୋଚନ କରିଛି। ଏହି ଉନ୍ମୋଚନ ବିଷୟରେ ଘୋଷଣା କରି ଅଂଶୁ ବୁଦ୍ଧରାଜା, ସିଇଓ, ଆମୱେ ଇଣ୍ଡିଆ କହିଛନ୍ତି ଯେ, 'ଆମୱେରେ ଆମେ ଦୃଢ଼ ଭାବେ ବିଶ୍ୱାସ କରୁ ଯେ ସ୍ମାର୍ଟ ସ୍ୱାସ୍ଥ୍ୟ ସେବା ସହିତ ଖାଦ୍ୟ ସପ୍ଲିମେଂଟ ମାନବ ଜୀବନରେ ଅତୁଳନୀୟ ମୂଲ୍ୟ ପ୍ରଦାନ କରିଥାଏ। ସାରା ବିଶ୍ୱରେ ଭିଟାମିନ ଓ ଡାଏଟାରି ସପ୍ଲିମେଂଟ ବଜାରରେ ନ୍ୟୁଟ୍ରିଲାଇଟ ନିଜକୁ ଅଗ୍ରଣୀ ଭାବେ ଉପସ୍ଥାପିତ କରିଛି। ଆମୱେ ଇଣ୍ଡିଆ ଲାଗି ମୌଳିକ ବ୍ୟବସାୟ ବର୍ଗ ଭାବେ ନ୍ୟୁଟ୍ରିଲାଇଟ କଂପାନିର ବ୍ୟବସାୟ ରାଜସ୍ୱ ପ୍ରତି ୫୦% ଅବଦାନ ପ୍ରଦାନ କରୁଥିବା ବେଳେ ଏହାର ମୂଲ୍ୟ ୧୦୦୦ କୋଟି ଟଙ୍କାରୁ ଅଧିକ ରହିଛି। ଆମର ସଫଳ ନିର‘ର ଅଭିବୃଦ୍ଧି ପଥ ସହିତ ବର୍ଗରେ ଥିବା ସୁଯୋଗକୁ ନେଇ ଆମେ ଉପଯୋଗୀ ନୂତନତ୍ୱ ଜରିଆରେ ୨୦୨୫ ସୁଦ୍ଧା ନ୍ୟୁଟ୍ରିସନ ବର୍ଗକୁ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ରଖିଛି। ନ୍ୟୁଟ୍ରିଲାଇଟ ଟ୍ରାଡିସନାଲ ହର୍ବସ (ଏନଟିଏଚ) ରେଂଜ ହେଉଛି ସେଭଳି ଏକ ନୂତନତ୍ୱ ଯାହା ଉନ୍ମୋଚନ ହେବା ପର ଠାରୁ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଏବଂ ଆମେ ଏହି ପୋର୍ଟଫୋଲିଓରେ ଅଧିକ ଉପଯୋଗୀ ଉତ୍ପାଦ ସାମିଲ କରି ଏହାକୁ ଆହୁରି ସୁଦୃଢ଼ କରିବୁ।''ହର୍ବାଲ ନ୍ୟୁଟ୍ରିସନ ବର୍ଗ ବିଷୟରେ ଅଜୟ ଖାନ୍ନା, ଉପସଭାପତି, ୱେଲନେସ, ଆମୱେ ଇଣ୍ଡିଆ କହିଛନ୍ତି ଯେ 'ଭାରତ କେବଳ ବିଶ୍ୱର ଡାଇବେଟିସ ରାଜଧାନୀ ନୁହେଁ ବରଂ ଅନେକ ଭାରତୀୟ ସହର ବିଶ୍ୱର ସବୁଠୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଉଛନ୍ତି। ପୁନଶ୍ଚ, ପରିବର୍ତିତ ଜୀବନଶୈଳୀ ଓ ଖାଦ୍ୟାଭ୍ୟାସ ଯୋଗୁଁ ଜଣଙ୍କ ଖାଦ୍ୟର ସପ୍ଲିମେଂଟ ପାଇଁ ଏବଂ ଶରୀରରେ ପ୍ରଭାବ ପକାଉଥିବା ଆଭ୍ୟ'ରୀଣ ଓ ବାହ୍ୟ ପ୍ରଭାବ ସହିତ ଲଢେ଼ଇ କରିବାର ଶକ୍ତି ଦେବା ଲାଗି ପ୍ରିମିୟମ ହର୍ବାଲ ସମାଧାନ ଆବଶ୍ୟକ ହେଉଛି। ପାରମ୍ପରିକ ଭାରତୀୟ ଜ୍ଞାନ ଓ ବିଜ୍ଞାନର ଶ୍ରେଷ୍ଠ ପ୍ରକୃତିର ଲାଭକୁ ନେଇ ହର୍ବାଲ ନ୍ୟୁଟ୍ରିସନ ବର୍ଗରେ ଆମର ନୂତନ ଉତ୍ପାଦ ଜରିଆରେ ଲୋକମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହିତ ଗ୍ଳୁକୋଜ ଓ ନିଶ୍ୱାସପ୍ରଶ୍ୱାସ ଜନିତ ସ୍ୱାସ୍ଥ୍ୟ ପ୍ରତି ସହାୟତା ପ୍ରଦାନ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

# ସଂକଳ୍ପ ଶାସ୍ତ୍ରୀୟ ନୃତ୍ୟ ଉତ୍ସବର ଶେଷ ସନ୍ଧ୍ୟା




ଭୁବନେଶ୍ୱର: ନୂଆଦିଲ୍ଲୀର ସଂକଳ୍ପ ପକ୍ଷରୁ ଆୟୋଜନ କରାଯାଇଥିବା ତିନିଦିନିଆ ସଂକଳ୍ପ ଶାସ୍ତ୍ରୀୟ ନୃତ୍ୟ ଉତ୍ସବର ଶେଷ ଦିନରେ ପଦ୍ମଶ୍ରୀ ଶ୍ରୀମତୀ କୁମ୍‌କୁମ୍ ମହାନ୍ତିଙ୍କ ଦଳ-ଗୀତ ଗୋବିନ୍ଦ ପକ୍ଷରୁ ଗୁରୁବାର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟାଙ୍ଗନା-ସାଗରିକା ମହାପାତ୍ର, ଅନିଷା ଅନୁକମ୍ପା, ସ୍ୱାତୀ ସ୍ରୋତସ୍ୱିନି ସିଂହ, ଲୋପାମୁଦ୍ରା ନାୟକ, ବ୍ରହ୍ମି ଷଡ଼ଙ୍ଗୀ, ପ୍ରାଚୀ ମିଶ୍ର ଓ ତନୁଜା ପରାସର ସଙ୍ଗୀତକାର ମୂରଲୀଧର ସ୍ୱାଇଁ, ମନୋଜ କୁମାର ମାଟି, ଜବାହାର ମିଶ୍ର ଓ ସଂଜୟ କୁମାର ସ୍ୱାଇଁଙ୍କ ସହାୟତାରେ ଗଣେଶ ବନ୍ଦନା, ଗଣେଶ ହେ ଗଜାନନ ଓ ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ପରିବେଷଣ କରିଥିଲେ ଯାହାର ନୃତ୍ୟ ପ୍ରସ୍ତୁତ କରିଥିଲେ ଗୁରୁ ଶ୍ରୀମତୀ କୁମକୁମ ମହାଁ ଓ ମୋହନ ପଲ୍ଲବୀ ଏବଂ ସେହି ନୃତ୍ୟକୁ ପ୍ରସ୍ତୁତ କରିଥିଲେ ଗୁରୁ କେଳୁଚରଣ ମହାପାତ୍ର। ବିଶିଷ୍ଟ ମୋହିନୀୟାତମ୍ ବିଶାରଦା ପଲ୍ଲବୀ କ୍ରିଷ୍ଣନ ନିଜେ ଓ ନିଜ ଦଳର ପ୍ରଦର୍ଶନ ଜରିଆରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ଶିବ ତତ୍ୱମ ଓ ପିଙ୍ଗଳା ଭଳି ଦୁଇଟି ନୃତ୍ୟକୁ ଏକାକୀ ପ୍ରଦର୍ଶନ କରିଥିଲେ ପଲ୍ଲବୀ ଏବଂ ତାଙ୍କ ଦଳର ନୃତ୍ୟ ଶିଳ୍ପୀ-ସୋମା ଦତା, ସୋମାଲି ମୁଖାର୍ଜୀ ଓ ଅନୁଶ୍ରୀ କୁଣ୍ଡୁ ମହାଲକ୍ଷ୍ମୀ ଅଷ୍ଟକମ୍ ପରିବେଷଣ କରିଥିଲେ। ମୋହିନୀୟାତମ୍ ହେଉଛି ଦକ୍ଷିଣ ଭାରତର ସଂସ୍କୃତିର ଏକ ଝଲକ ଏବଂ ଏହି ନୃତ୍ୟରେ ପଲ୍ଲବୀ କିସନ ହେଉଛନ୍ତି ଜଣେ ବିଶାରଦା।କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀର ଇଉନିଟ୍ ଏର ୟୁନିଟ୍‌ର ଜବାହାରଲାଲ ନେହେରୁ ମଣିପୁର ନୃତ୍ୟ ଏକାଡେମି (ଜେଏନଏମଡିଏ)ର କଳାକାରମାନେ ଉତର ପୂର୍ବାଚଂଳର ସମୃଦ୍ଧ ସଂସ୍କୃତିର ପରମ୍ପରାକୁ ପରିବେଷଣ କରିଥିଲେ। ବିଶିଷ୍ଟ ମଣିପୁରୀ ନୃତ୍ୟ ଶିଳ୍ପୀ ଶ୍ରୀମତୀ ଓ ଦେବଲା ଦେବୀ, ଶ୍ରୀମତୀ ପାରୁଲ ଦେବୀ ଓ ଶ୍ରୀମତୀ ଜି ଚନ୍ଦନ ଦେବୀ ଚିତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ ଦର୍ଶକଙ୍କୁ ବିମୋହିତ କରିଥିଲେ। କିଷ୍ଣ ଅଭିସାର, ଦଶ ଅବତାର ଓ ବସନ୍ତ ବର୍ଣ୍ଣମ ଉପରେ ଏକାକୀ ନୃତ୍ୟ ମଧ୍ୟ ପରିବେଷଣ କରିଥିଲେ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray